

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୨ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 August 2026
Vol.No. 36 ■ No.201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଆମେରିକା-ଇସ୍ରାଏଲକୁ ଇରାନର କଡ଼ା ଚେତାବନୀ: ଆକ୍ରମଣ ହେଲେ ୭ ତୈଳ କ୍ଷେତ୍ର ଧ୍ୱଂସ କରିଦେବୁ



ନୂଆଦିଲ୍ଲୀ,୧/୮ : ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି । ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ସମ୍ଭାବ୍ୟ ଆକ୍ରମଣର ଘୋଷଣା ମଧ୍ୟରେ, ଇରାନ ପ୍ରତିଶୋଧ ପାଇଁ ଯୋଜନା କରିଥିବା ଜଣାପଡ଼ିଛି । ଇରାନୀ ଗଣମାଧ୍ୟମ ଅନୁସାରେ, ତେହେରାନ ଏକ ସ୍ପଷ୍ଟ ଚେତାବନୀ ଦେଇଛି ଯେ, ଯଦି ଆମ ଉପରେ ପୁଣି ଆକ୍ରମଣ କରାଯାଏ, ତେବେ ଆମେ ଇସ୍ରାଏଲରେ ଥିବା ଆମେରିକୀୟ ଶକ୍ତି ସମ୍ପତ୍ତି, ସମଗ୍ର ଆରବ ଅଞ୍ଚଳ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବୁ । ଇରାନୀ ଗଣମାଧ୍ୟମ ଏବଂ ସାମରିକ ସୂତ୍ର ଅନୁଯାୟୀ, ଆରବ ଦେଶ ଏବଂ ଇସ୍ରାଏଲରେ ଅବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ଏବଂ ଗ୍ୟାସ୍ ସୁବିଧାଗୁଡ଼ିକ ଇରାନର ଗାଇଡେଡ୍ ମିସାଇଲର ସିଧାସଳଖ ପରିସର ମଧ୍ୟରେ ଅଛି । ଇରାନ ଯେଉଁ ସାତଟି ପ୍ରମୁଖ ଶକ୍ତି ପ୍ରତିଷ୍ଠାନକୁ ଧ୍ୱଂସ କରିବାକୁ ଧମକ ଦେଇଛି ସେଗୁଡ଼ିକ ମଧ୍ୟରେ ଏହା ସାଉଦି ଆରବର ତୈଳ ଉତ୍ପାଦନର ମେରୁଦଣ୍ଡ କୁହାଯାଉଥିବା ଘାଭର ତୈଳ କ୍ଷେତ୍ର ରହିଛି । ସେଠାରେ ଆକ୍ରମଣ ଦ୍ୱାରା ବିଶ୍ୱର ତୈଳ ଯୋଗାଣର ୫ ପ୍ରତିଶତରୁ ଅଧିକ ବାଧାପ୍ରାପ୍ତ ହେବ । ଏହା ସହିତ ସାଉଦି ଆରବର ବିଶ୍ୱର ସର୍ବବୃହତ ତୈଳ ସ୍ଥିରୀକରଣ ପ୍ଲାଣ୍ଟ ଅବକାଇକ୍ ଏବଂ ଖୁରାଇସ୍‌ର ନାମ ମଧ୍ୟ ଇରାନ ତାଲିକାରେ ରହିଛି । ଏହାର ଉତ୍ପାଦନ କ୍ଷମତା ପ୍ରତିଦିନ ୭ ନିୟୁତ ବ୍ୟାରେଲରୁ ଅଧିକ ରହିଛି । ସେହିପରି ଟାର୍ଗେଟରେ ଥିବା ସଂଯୁକ୍ତ ଆରବ ଏମିରେଟ୍ସର ରୁୱେଜ୍ ରିଫାଇନାରୀ ଏବଂ ଦ୍ୱିତୀୟ ବୃହତ୍ତମ ଅଫଶୋର ତୈଳ କ୍ଷେତ୍ର ଜାକୁମ୍ ରହିଛି । ଏହା ପ୍ରତିଦିନ ୧ ନିୟୁତ ବ୍ୟାରେଲରୁ ଅଧିକ ତେଲ ଉତ୍ପାଦନ କରିଥାଏ । ଟାର୍ଗେଟରେ ଥିବା କତାରର ଉତ୍ତର ଘାଦିର ଗ୍ୟାସ କ୍ଷେତ୍ର ଏବଂ ରାସ୍ ଲାଫାନ୍ ଏଲଏନଜି ହେଉଛି ବିଶ୍ୱର ସର୍ବବୃହତ ଗ୍ୟାସ କ୍ଷେତ୍ର । ଏହା ୨୦ ପ୍ରତିଶତ ଏଲପିଜି/ଏଲଏନଜି ବାଣିଜ୍ୟ ଏବଂ ପ୍ରମାଣିତ ଗ୍ୟାସ୍ ୨୫ ପ୍ରତିଶତ ସଂରକ୍ଷଣ କରିଥାଏ । କୁଏତର ବରଗାନ୍ ତୈଳ କ୍ଷେତ୍ର ୬୭ ବିଲିୟନ ବ୍ୟାରେଲର ବିଶାଳ ଭଣ୍ଡାର ଟାର୍ଗେଟରେ ରହିଛି । ଏହା ପ୍ରତିଦିନ ଉତ୍ପାଦନ କ୍ଷମତା ୨ ନିୟୁତ ବ୍ୟାରେଲ ରହିଛି ।

◆◆ପୃଷ୍ଠା ୭

## ଓଡ଼ିଶାକୁ ୫୦୦ କୋଟିର ବନ୍ୟା ସହାୟତା ଦେଲା କେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧/୮ (ନି.ପ୍ର): ଓଡ଼ିଶାରେ ନିକଟରେ ହୋଇଥିବା ବନ୍ୟାଜନିତ କ୍ଷତିପୂରଣ ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ସହାୟତା ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାର ଏହି ସହାୟତା ରାଶି ଏସ୍‌ଡିଆରଏଫ୍‌କୁ ସହାୟତା ଦେଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ତଥା ସହକାରିତା ମନ୍ତ୍ରୀ ଅମିତ ଶାହ ବନ୍ୟା ଜନିତ ସହାୟତାକୁ ମଞ୍ଜୁରି ଦେଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୭ଟି ବନ୍ୟା ପ୍ରଭାବିତ ରାଜ୍ୟକୁ ୨,୧୧୭.୮୫ କୋଟି ଟଙ୍କା ବନ୍ୟା ସହାୟତା ପ୍ରଦାନ କରିଛନ୍ତି । ଏହି ୭ଟି ରାଜ୍ୟ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଆସାମ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା, ହିମାଚଳ ପ୍ରଦେଶ ଏବଂ ନାଗାଲାଣ୍ଡ ସାମିଲ ଅଛି । କେନ୍ଦ୍ର ସରକାର ଅରୁଣାଚଳ ପ୍ରଦେଶକୁ ୪୪.୫୫ କୋଟି ଟଙ୍କା, ଆସାମକୁ ୩୭୯.୩୫ କୋଟି ଟଙ୍କା, ଗୁଜରାଟକୁ ୫୦୦ କୋଟି ଟଙ୍କା, ମହାରାଷ୍ଟ୍ରକୁ ୫୦୦ କୋଟି ଟଙ୍କା, ଓଡ଼ିଶାକୁ ୫୦୦ କୋଟି ଟଙ୍କା, ହିମାଚଳ ପ୍ରଦେଶକୁ ୧୯୩.୯୫ କୋଟି ଟଙ୍କା ବନ୍ୟା ସହାତୟା ମିଳିଛି । ଚଳିତ ସପ୍ତାହରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ପରେ ବନ୍ୟା ଯୋଗୁଁ କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବଡ଼ଧରଣର ବନ୍ୟା ହୋଇଛି । ସେହିପରି ବାଲେଶ୍ୱର ଏବଂ ମୟୂରଭଂଜ ଜିଲ୍ଲାର କିଛି ଅଞ୍ଚଳରେ ବନ୍ୟା ହୋଇଛି । ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ବୁଢାବଳଙ୍ଗରେ ବନ୍ୟା ଯୋଗୁଁ ଲୋକେ ବ୍ୟାପକ ପ୍ରଭାବିତ ହୋଇଛନ୍ତି । ଚାଷଜମିକୁ ବ୍ୟାପକ କ୍ଷତି ପହଞ୍ଚାଇଛି । ସେହିପରି ହଜାର ହଜାର ଘରଦ୍ୱାର ଭାଙ୍ଗିଥିବା ବେଳେ ଶହଶହ ଗାଈଗୋରୁ ମଧ ପ୍ରଭାବିତ ହୋଇଛନ୍ତି । ମୌସୁମୀ ବର୍ଷା ବିପ୍ୟାତରେ ଦେଶର ବିଭିନ୍ନ ରାଜ୍ୟ ବନ୍ୟା କବଳିତ ହୋଇଛନ୍ତି । ଏହି ପରିସ୍ଥିତିରେ ଆବଶ୍ୟକ ରିଲିଫ, ଉଦ୍ଧାର ଓ ପୁନର୍ବାସ ସହାୟତା ଯୋଗାଇବାକୁ କେନ୍ଦ୍ର ସରକାର ନିଜର ପ୍ରତିବଦ୍ଧତା ଦେଖାଇଛନ୍ତି । ଏହିକ୍ରମରେ ୨ ହଜାର ୧୧୭ କୋଟି ୮୫ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି । ଏହା ରାଜ୍ୟଗୁଡ଼ିକର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ କେନ୍ଦ୍ରୀୟ ଅବଦାନ ଭାବେ ପ୍ରଦାନ କରାଯିବ । ଏ ଭିତରେ ସାତୋଟି ବନ୍ୟା ପ୍ରଭାବିତ ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆରଏଫ୍)କୁ ପ୍ରଥମ କିସ୍ତି କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିବା ବେଳେ ହିମାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ ଓ ଓଡ଼ିଶାକୁ ଦ୍ୱିତୀୟ କିସ୍ତି ଅର୍ଥରାଶି ମଞ୍ଜୁର କରାଯାଇଛି । ଓଡ଼ିଶା ପାଇଁ ମଞ୍ଜୁର ହୋଇଥିବା ସହାୟତା ରାଶିର ପରିମାଣ ରହିଛି ୫୦୦ କୋଟି ଟଙ୍କା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏ ନେଇ ଏକ ବିବୃତ୍ତିରେ ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ମୌସୁମୀ ଋତୁ ଆରମ୍ଭରୁ ହିଁ ଭାରତ ସରକାର ରାଜ୍ୟ ସରକାରଗୁଡ଼ିକ ସହ ପ୍ରତ୍ୟକ୍ଷ ସମନ୍ୱୟ ରଖି ବନ୍ୟା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି ।

◆◆ପୃଷ୍ଠା ୭

## ଥଣ୍ଡା ପଡ଼ିଲା ପେପର ଲିକ୍ ବିବାଦ : ମୁଣ୍ଡ ଟେକିଲା ଇ୨୦ ପେଟ୍ରୋଲ ତାତି

ନୂଆଦିଲ୍ଲୀ, ୧/୮ : ଇ୨୦ ପେଟ୍ରୋଲକୁ ନେଇ ଏବେ ଦେଶର ରାଜନୀତି ଗରମ ହେବାରେ ଲାଗିଛି । ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ କେନ୍ଦ୍ର ସରକାରଙ୍କ ଉପରେ ଆଣିଛନ୍ତି ଗମ୍ଭୀର ଅଭିଯୋଗ । କେଜ୍ରିଓ୍ୱାଲ ଏହାକୁ ‘ଭେଜାଲ ପେଟ୍ରୋଲ’ ବୋଲି କହିବା ସହ ସରକାରଙ୍କ ଉପରେ ପ୍ରଶ୍ନର ବାଣ ମାରିଛନ୍ତି । ସେପଟେ ଆମରଣ ଅନଶନରେ ବସିଥିବା ସମାଜସେବୀ ତହସିନ ପୁନାଓ୍ୱାଲାଙ୍କୁ ଗୃହବନ୍ଦୀ କରାଯାଇଥିବା ଅଭିଯୋଗ ହୋଇଛି । ଇଥାନଲ୍ ମିଶ୍ରିତ ଇ୨୦ ପେଟ୍ରୋଲକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଆପ୍ ମୁଖିଆ ଅରବିନ୍ଦ କେଜ୍ରିଓ୍ୱାଲ । କେଜ୍ରିଓ୍ୱାଲ ଦାବି କରିଛନ୍ତି ଯେ ବିନା କୌଣସି ବୈଜ୍ଞାନିକ ଅଧ୍ୟୟନ କିମ୍ବା ଗବେଷଣାରେ ସରକାର ଜବରଦସ୍ତ ଦେଶବାସୀଙ୍କ ଉପରେ ଇ୨୦ ପେଟ୍ରୋଲ ଲଦି ଦେଇଛନ୍ତି । ଏଥିସହ କେଜ୍ରିଓ୍ୱାଲ କହିଛନ୍ତି, ସରକାର କେବେ କହୁଛନ୍ତି ଇ୨୦ ଖରାପ, କେବେ କହୁଛନ୍ତି ଭଲ । ସରକାର କୌଣସି ଅଧ୍ୟୟନ କରାଇ ନାହାନ୍ତି । ଗାଡ଼ିର ମାଇଲେଜ୍ କମୁଛି, ଇଞ୍ଜିନ୍ ଖରାପ ହେଉଛି । ସରକାର ଜବରଦସ୍ତ କାହିଁକି କରୁଛନ୍ତି ? ଇ୨୦ ପେଟ୍ରୋଲ ବ୍ୟବହାର ଯୋଗୁଁ ୬୭ ପ୍ରତିଶତ ଗାଡ଼ିର ମାଇଲେଜ୍ କମିଯାଇଛି ଏବଂ ୪୫ ପ୍ରତିଶତ ଗାଡ଼ିର ଇଞ୍ଜିନ୍‌ରେ ସମସ୍ୟା ଦେଖାଦେଇଛି । ଯେଉଁମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସରକାର ସେମାନଙ୍କ ବିରୋଧରେ ଏତଲା ରୁଜୁ କରିବା ସହ ‘ଆଣ୍ଟି-ନ୍ୟାସନାଲ୍’ ବୋଲି କହୁଥିବା ସେ ଅଭିଯୋଗ କରିଛନ୍ତି ।

## ରାଜ୍ୟ କ୍ୟାବିନେଟ ବୈଠକ: ୬ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ବାଜିଲା ମୋହର



ଭୁବନେଶ୍ୱର, ୦୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରିପରିଷଦର ୪୫ତମ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୬ଟି ବିଭାଗ ସମ୍ବନ୍ଧୀୟ ମୋଟ ୧୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସେଗୁଡ଼ିକୁ ଅନୁମୋଦନ ଦିଆଯାଇଛି । ରାଜ୍ୟର ବିକାଶ, ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ଜନସାଧାରଣଙ୍କୁ ଅଧିକ ସୁବିଧା ଯୋଗାଇବା ଲକ୍ଷ୍ୟରେ ଏହି ପ୍ରସ୍ତାବଗୁଡ଼ିକୁ କ୍ୟାବିନେଟର ସବୁଜ ସଙ୍କେତ ମିଳିଛି । ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ଅନ୍ତର୍ଗତ ବ୍ୟାରେଜର ନିର୍ମାଣ, ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ ଓ ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩,୦୦୦ ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇଛି । ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟିରେ ରଖି ଅବଶିଷ୍ଟ ୫୭,୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ଭୂତଳ ପାଇପଲାଇନ (ମାଧ୍ୟାକର୍ଷଣ ପ୍ରବାହ) ମାଧ୍ୟମରେ ୯ଟି ପ୍ୟାକେଜରେ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । “ସାଳନ୍ଦୀ ବାମ ମୁଖ୍ୟ କେନାଲର ୪୦.୯୨୭ କି.ମି.ରୁ ୪୫.୫୭୦ କି.ମି. ମଧ୍ୟରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ ସହ ୭,୧୭୧.୭୭ ହେକ୍ଟର ଚାଷଜମିରେ

◆◆ପୃଷ୍ଠା ୭

## ୩୭.୩୨ ଲକ୍ଷ ଟଙ୍କା ଦୁର୍ନୀତି ମାମଲାରେ ପୂର୍ବତନ କନିଷ୍ଠ ସହାୟକ ଗିରଫ



ଭୁବନେଶ୍ୱର, ୦୧/୮ (ନି.ପ୍ର): ଓଡ଼ିଶା ଭିଜିଲାନ୍ସ ୩୭,୩୨, ୭୦୮ ଟଙ୍କାର ଦୁର୍ନୀତି ମାମଲାରେ ଆଜି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ପୂର୍ବତନ ଜୁନିଅର ସହାୟକ ଦେବଦ୍ୟୁତି ନନ୍ଦଙ୍କୁ ଗିରଫ କରିଛି । ସେ ବାଲିଆପାଳର ବିଇଓ କାର୍ଯ୍ୟାଳୟର ବିଲ୍ କ୍ଲର୍କ-କମ୍-ଆକାଉଣ୍ଟାଣ୍ଟ ଭାବରେ ତାଙ୍କ ସରକାରୀ ପଦବିର ସୁଯୋଗ ନେଇ ବାଲିଆପାଳର ବିଇଓ ଅଧୀନରେ ଥିବା ଅନ୍ୟ କର୍ମଚାରୀଙ୍କ ବକେୟା ଡିଏ ବିଲ୍‌ରେ ଜାଲିଆତି ଭାବରେ ତାଙ୍କର ନକଲି ବକେୟା ଦରମା ବିଲ୍ ପ୍ରବେଶ କରି ୨୦୨୨ରୁ ୨୦୨୬ ମଧ୍ୟରେ ନିଜର ନକଲି ବକେୟା ଦରମା ବିଲ୍ ପ୍ରସ୍ତୁତ କରି ଟଙ୍କା ହଡ଼ପ କରିଥିଲେ । ଗିରଫ ପରେ ଶ୍ରୀ ନନ୍ଦଙ୍କୁ କୋର୍ଟକୁ ପଠାଯାଉଛି । ଏହି ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

## ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ସେ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି । ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି । ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡ଼ି ଯିବାର ସମ୍ଭାବନା ଅଛି । ଏଥିସହିତ ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ

◆◆ପୃଷ୍ଠା ୭

## ସୁଧୁରୁଛି ବନ୍ୟା ସ୍ଥିତି: କମୁଛି ମହାନଦୀ ଜଳସ୍ତର, ୮.୦୭ଲକ୍ଷ ଲୋକ ପ୍ରଭାବିତ, ରିଲିଫ ଓ ପୁନରୁଦ୍ଧାରର ତଦାରଖ ପାଇଁ ୪ ମନ୍ତ୍ରୀଙ୍କୁ ଦାୟିତ୍ୱ



ଭୁବନେଶ୍ୱର, ୦୧/୮ (ନି.ପ୍ର): ରାଜ୍ୟରେ ମହାନଦୀ ସମେତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ସହ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ବନ୍ୟାରେ ୧୦ଟି ଜିଲ୍ଲାର ମୋଟ ୮ଲକ୍ଷ ୭ହଜାର ୧୨୪ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୭ଟି ଜିଲ୍ଲାର ୨ଲକ୍ଷ ୯୯ହଜାର ୯୪୪ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି । ମହାନଦୀ ଓ ଅନ୍ୟ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ଯୋଗୁ ରିଲିଫ, ପୁନରୁଦ୍ଧାର କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୪ଜଣ ମନ୍ତ୍ରୀଙ୍କୁ ବନ୍ୟା ପ୍ରଭାବିତ ଜିଲ୍ଲାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିଲ୍ଲୀ ଗସ୍ତରୁ ଫେରିବା ପରେ ଆଜି ଆକାଶ ମାର୍ଗରୁ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଜିଲ୍ଲା ଏବଂ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନ୍ୟସ୍ତ କରିଛନ୍ତି । ଏପଟେ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୧୦ ଜିଲ୍ଲାର ୭୫ଟି ବ୍ଲକର ୫୫୫ଟି ପଂଚାୟତ ଅନ୍ତର୍ଗତ ୧୪୯୫ଟି ଗାଁ ଓ ୧୩ଟି ପୌରାଂଚଳର ୧୮୪ଟି ୱାର୍ଡରେ ମୋଟ ୮ଲକ୍ଷ ୭ହଜାର ୧୨୪ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ବନ୍ୟା ଯୋଗୁ ଭଦ୍ରକ ଜିଲ୍ଲାର ୧.୬୯ଲକ୍ଷ ଲୋକଙ୍କ ସମେତ ମୋଟ ୨ଲକ୍ଷ ୯୯ହଜାର ୯୪୪ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଭଦ୍ରକ ଜିଲ୍ଲାରେ ୬ଟି ବ୍ଲକର ୧୦୧ଟି ପଂଚୟତର ୩୫୩ଟି ଗାଁର ମୋଟ ୩.୬୫ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଯାଜପୁର ଜିଲ୍ଲାର ୮ଟି ବ୍ଲକର ୧୧୧ଟି ପଂଚାୟତର ୩୨୮ଟି ଗାଁର ୧.୯୪ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାର ୧୦ଟି ବ୍ଲକର ୧.୪୭ଲକ୍ଷ, କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକର ୭୩୧୬୩ଜଣ, ଖୋର୍ଦ୍ଧା ଜିଲ୍ଲାର ୧୪୦୭୫ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

◆◆ପୃଷ୍ଠା ୭

## ପେପର ଲିକ୍ ବିରୋଧୀ ଆଇନରେ ସଂଶୋଧନକୁ ଅନୁମୋଦନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୧/୮ :ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପେପର ଲିକ୍ ବିରୋଧୀ ଆଇନର ସଂଶୋଧନ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି । ଏହା ସହିତ ପେପର ଲିକ୍ ଆଇନରେ ଦଣ୍ଡ ବ୍ୟବସ୍ଥା ଏବେ ଆହୁରି କଠୋର ହୋଇଯାଇଛି । ନୂତନ ବ୍ୟବସ୍ଥା ଅନୁଯାୟୀ, ପେପର ଲିକ୍ ମାମଲାରେ ଫଇସଲା ତିନି ମାସ ମଧ୍ୟରେ ନିଆଯିବ । ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡିତ କରାଯିବ । ପେପର ଲିକ୍ ବିରୋଧୀ ସଂଶୋଧନ ବିଲ୍ ସମ୍ପର୍କରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ ଏହି ବିଲ୍ ପେପର ଲିକ୍‌ର ସମ୍ପୂର୍ଣ୍ଣ ନେଟୱାର୍କକୁ ସମାପ୍ତ କରିବାର ଏକ ପ୍ରୟାସ ।

◆◆ପୃଷ୍ଠା ୭

## ୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୦୧/୮ (ନି.ପ୍ର): ଆସନ୍ତା ସୋମବାର (ଅଗଷ୍ଟ ୩ ତାରିଖ) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ‘ଜନ ଅଭିଯୋଗ ଶୁଣାଣି’ କାର୍ଯ୍ୟକ୍ରମ ବନ୍ଦ ରହିବ । ଶନିବାର ଏନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର (ଅଗଷ୍ଟ ୩) ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର , ୧/୮ (ନି.ପ୍ର): ଅନନ୍ତପୁର ସାରସ୍ୱତ ମହା ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଦାସଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ଶ୍ରୀ ଦାସଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମହା ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଜେନା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅଧ୍ୟାପକ ଅଜୟ କୁମାର ପରିଡ଼ା,ଅଧ୍ୟାପକ ଖଗେନ୍ଦ୍ର ମହାନ୍ତି,ଅଧ୍ୟାପକ କ୍ଷୀତିଶ ଜେନା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବରିଷ୍ଠ ଇଂରାଜୀ ଅଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଦାସଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଉତ୍ସବରେ ବରିଷ୍ଠ ଇଂରାଜୀ ଅଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଦାସଙ୍କୁ ମାନପତ୍ର ଓ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଗୌରାଙ୍ଗ ସାର୍ ନିଜର ବିଦାୟ ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ରାଜନୀତି ବିଜ୍ଞାନର ଅଧ୍ୟାପକ ମାନସ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ଲମ୍ବୋଦର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀ, ଗୌରାଙ୍ଗ ସାର୍ ଙ୍କ ଧର୍ମ ପତ୍ନୀ ମନ୍ଦାକିନୀ ଦାସ, ଶ୍ୟାମଳ ସୁବର୍ଣ୍ଣ ପତ୍ରିକାର ସମ୍ପାଦକ ଡି ଶୁଭମ, ଡି ସ୍ୱାତୀ, ଗୌରାଙ୍ଗ ସାର୍ ଙ୍କ ଭାଇ ଭଉଣୀ ଓ ପରିବାର ବର୍ଗ ଯୋଗ ଦେଇଥିଲେ ।

# ସୁଆଁ ମଲିକସାହିରେ ରନ୍ଧା ଖାଦ୍ୟ ବଣ୍ଟନ

ବାସୁଦେବପୁର, ୧/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର ସୁଆଁ ହରିଜନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାସୁଦେବପୁର ବ୍ଲକ ବିଡ଼ିଓ ତନ୍ମିତା କରଙ୍କ ନେତୃତ୍ୱରେ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଅନେକ ଲୋକ ବନ୍ୟା ପାଣିରେ ବିଭିନ୍ନ ସମସ୍ୟା ମଧ୍ୟରେ ଅଛନ୍ତି । ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ଏଥିରେ ସହଯୋଗ କରିଥିଲେ । ଏହି ରନ୍ଧା ଖାଦ୍ୟ ବଣ୍ଟନ ସମୟରେ ଯୁବ ସମାଜ ସେବୀ ଅମୂଲ୍ୟ ମଲ୍ଲିକ, କଟବର ପଣ୍ଡା, ଶ୍ରୀକାନ୍ତ ମଲ୍ଲିକ, ଯଦୁନାଥ ମଲ୍ଲିକ, କିରଣ ମଲ୍ଲିକ, ବିପିନ ମଲ୍ଲିକ, ଗଙ୍ଗା ଦାସ, ବଂଶୀଧର ମଲ୍ଲିକ,ନିର୍ମଳ ମଲ୍ଲିକ, ପାଗଲା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଭିନ୍ନ ଲୋକ ମାନଙ୍କୁ ରନ୍ଧା ଖାଦ୍ୟ ଖାଇବାକୁ ଦେଇଥିଲେ । ମାନବ ସେବା ହିଁ ମାଧବ ସେବା । ତେଣୁ ଏହିପରି ଭାବେ ଏହି ବନ୍ୟା ପାଣି ସମୟରେ ଲୋକ ମାନଙ୍କ ସେବା କରିବାରେ ଅଧିକ ଆନନ୍ଦ ମିଳିଥାଏ ବୋଲି ଯୁବ ସମାଜ ସେବୀ ମାନେ ମତ ପ୍ରକାଶ କରିଥିଲେ । ସୁଆଁ ମଲ୍ଲିକ ସାହିର ତିନି ନମ୍ବର ୱାର୍ଡ ରେ ଏହି ରନ୍ଧା ଖାଦ୍ୟ ବଣ୍ଟନ କରା ଯାଇଥିବାରୁ ଲୋକ ମାନେ ବ୍ଲକ୍ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି । ତିନି ଦିନ ଧରି ଏହି ରନ୍ଧା ଖାଦ୍ୟ ଲୋକ ମାନଙ୍କୁ ଦିଆ ଯାଉଛି । ସମସ୍ତ ଲୋକ ମାନେ ଏହି ବିଦ୍ୟାଳୟ ପରିସରରେ ସୁରକ୍ଷିତ ଭାବେ ରହିଛନ୍ତି ଏବଂ ରନ୍ଧା ଖାଦ୍ୟ ଭୋଜନ କରି ଭୋକ ମେଣ୍ଟାଇଛନ୍ତି ।

# ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ




ଜଳେଶ୍ୱର, ୧/୮ (ନି.ପ୍ର): ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ରାଧାରଂଜନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ।ପ୍ରଧାନ ଶିକ୍ଷକ ତଥା ଜଳେଶ୍ୱର ଓଷ୍ଟା ସମ୍ପାଦକ ହରେକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସରସ୍ୱତୀ ବିଦ୍ୟା ମନ୍ଦିରର ସଭାପତି ଶଶୀକାନ୍ତ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପାଦକ ଶ୍ରୀଯୁକ୍ତ ଗିରୀଶ କୁମାର ପାଣିଗ୍ରାହୀ, ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟା ସୁଚିସ୍ମିତା ଗନ୍ତାୟତ, ଗଣିତ ପ୍ରମୁଖ ଆଚାର୍ଯ୍ୟ ସମୀର କୁମାର ପରିଡ଼ା ଓ ସଂସ୍କୃତି ଜ୍ଞାନ ପ୍ରମୁଖ ଆଚାର୍ଯ୍ୟା ଉମାରାଣି ପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଆଚାର୍ଯ୍ୟ ଉମା ଶଙ୍କର ପାଳ ଧନ୍ୟବାଦ ଅର୍ପଣ କରି ଥିଲେ । ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୨୯୦ ଜଣ ଶିଶୁ ଭାଇ ଭଉଣୀ ମାନେ ଯୋଗ ଦେଇ ଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା 'ଉତ୍ପାଦକତା ବୃଦ୍ଧି ଏବଂ ହଟ୍ ମେଟାଲ୍‌ରେ ସିଲିକନ୍ ହ୍ରାସ' ଉପରେ ପି.ଆଇ.ଡବ୍ଲ୍ୟୁ ଆୟୋଜିତ




ରାଉରକେଲା, ୦୧/୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ଜୁଲାଇ ୩୦ ତାରିଖ ଦିନ 'ଉତ୍ପାଦକତା ବୃଦ୍ଧି ଏବଂ ହଟ୍ ମେଟାଲ୍ ରେ ସିଲିକନ୍ ହ୍ରାସ' ଶୀର୍ଷକ ବିଷୟ ଉପରେ ଏକ, ଦିବସବ୍ୟାପୀ କାର୍ଯ୍ୟଦକ୍ଷତା ସୁଧାର କର୍ମଶାଳା (ପି.ଆଇ.ଡବ୍ଲ୍ୟୁ ) ଆୟୋଜିତ ହୋଇଯାଇଛି । ଏଥିରେ ବ୍ଲାଷ୍ଟ ଫର୍ନେସ୍ , ଷ୍ଟିଲ୍ ମେଲ୍ଟିଂ ଶପ୍ , କୋକ୍ ଓଭନ୍ସ , ସିଣ୍ଟର ପ୍ଲାଣ୍ଟସ୍, ଆର.ଏମ.ଏଚ.ପି ଏବଂ ଟି.ଆର.ଏମ ରୁ ଉଭୟ ଅଧିକାରୀ ଓ କର୍ମଚାରୀଙ୍କୁ ମିଶାଇ ମୋଟ ୨୯ ଜଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟ କୁଶଳତାରେ ସୁଧାର ଆଣିବା ଲକ୍ଷ୍ୟରେ ବୈଷୟିକ ଶିକ୍ଷା, ଜ୍ଞାନ ଆଦାନପ୍ରଦାନ ଏବଂ ମିଳିତ ସମସ୍ୟା ସମାଧାନ ପାଇଁ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା । ଏହି କାର୍ଯ୍ୟକ୍ରମକୁ ରାଉରକେଲା ଇସ୍ପାତ କାରଖାନା ର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ଆର. ପଲାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଅର୍ଥ)ର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ଶ୍ରୀ ଆର.ଦାସଗୁପ୍ତା; ଆର.ଏସ.ପି ସେଣ୍ଟର ଆର.ଡି.ସି.ଆଇ.ଏସ ର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏସ୍. ଚଟ୍ଟୋପାଧ୍ୟାୟ; ଏବଂ ଆର.ଏସ.ପି , ବ୍ଲାଷ୍ଟ ଫର୍ନେସ୍‌ର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ସୁମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ପଲାଇ ଆଲୋକପାତ କରିଥିଲେ ଯେ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖର୍ଚ୍ଚ ହ୍ରାସ କରିବା । ସେ ଅଂଶଗ୍ରହଣକାରୀଙ୍କୁ ଏପରି ବ୍ୟାବହାରିକ ଏବଂ କାର୍ଯ୍ୟକାରୀ ଯୋଜନା ଆଣିବାକୁ ଆହ୍ୱାନ ଦେଇଥିଲେ ଯାହା ପ୍ରମୁଖ ଟେକ୍ନୋ-ଇକୋନୋମିକ୍ ମାନଦଣ୍ଡରେ ମାପଯୋଗ୍ୟ ସୁଧାର ଆଣିପାରିବ । ସେ ବୈଷୟିକ ଆଲୋଚନାଗୁଡ଼ିକୁ କାର୍ଯ୍ୟକାରୀ ଫଳାଫଳରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପ୍ଲାଣ୍ଟର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ଯୋଗଦାନ ଦେବ । ଏହି କର୍ମଶାଳାରେ ଉତ୍ପାଦନକ୍ଷମତା ବୃଦ୍ଧି, ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଗତ ଶୃଙ୍ଖଳା ଉପରେ ଆଧାରିତ କାର୍ଯ୍ୟକ୍ରମ ମାଧ୍ୟମରେ ଲୌହ ଉତ୍ପାଦନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ବ୍ଲାଷ୍ଟ ଫର୍ନେସର କାର୍ଯ୍ୟଦକ୍ଷତାରେ ସୁଧାର ଆଣିବା ଉପରେ ଧ୍ୟାନ ଦିଆଯାଇଥିଲା । କର୍ମଚାରୀଙ୍କ ମଧ୍ୟରେ ବ୍ୟାବହାରିକ ଆଲୋଚନାକୁ ଉତ୍ସାହିତ କରିବା ଏବଂ ପ୍ରକ୍ରିୟାର ଦକ୍ଷତା ଓ ଉତ୍ପାଦର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟକାରୀ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ଏହି ଅଧିବେଶନଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା । ଲୌହ ଉତ୍ପାଦନର ମୌଳିକ ନିୟମ ଏବଂ ବ୍ଲାଷ୍ଟ ଫର୍ନେସ୍ ପରିଚାଳନା ବିଷୟରେ ଆଲୋଚନା ସହିତ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା, ଯେଉଁଥିରେ ବିଶେଷଜ୍ଞମାନେ ହଟ୍ ମେଟାଲ୍‌ର ଗୁଣବତ୍ତା ଏବଂ ଫର୍ନେସ୍‌ର ଦକ୍ଷତାକୁ ପ୍ରଭାବିତ କରୁଥିବା ପ୍ରମୁଖ ପ୍ରକ୍ରିୟା ମାନଦଣ୍ଡ ବିଷୟରେ ବୁଝାଇଥିଲେ । ଦିବସବ୍ୟାପୀ, ବୈଷୟିକ ଉପସ୍ଥାପନାଗୁଡ଼ିକରେ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ବୃଦ୍ଧି, ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ଦୈନନ୍ଦିନ ପରିଚାଳନାରେ କମ୍ ଖର୍ଚ୍ଚସାପେକ୍ଷ ପଦକ୍ଷେପ ଗ୍ରହଣ କରିବାର ପଦ୍ଧତିଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା । ଅପରାହ୍ଣରେ, ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ସିଣ୍ଡିକେଟ୍ ରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିବା ଏବଂ ବ୍ୟାବହାରିକ ସମାଧାନର ପରାମର୍ଶ ଦେବାକୁ କୁହାଯାଇଥିଲା । ପରେ ପ୍ରତ୍ୟେକ ସିଣ୍ଡିକେଟ୍ ଚୂଡ଼ାନ୍ତ ଅଧିବେଶନରେ ସେମାନଙ୍କର ସୁପାରିଶ ଉପସ୍ଥାପନ କରିଥିଲେ, ଯେଉଁଥିରେ ଉତ୍ପାଦନକ୍ଷମତା ବୃଦ୍ଧି, ହଟ୍ ମେଟାଲ୍ ସିଲିକନ୍ ହ୍ରାସ ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବାର ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇଥିଲା । ଉତ୍ପାଦକତାକୁ ସୁଦୃଢ଼ କରିବା ଏବଂ ଫର୍ନେସ୍ କାର୍ଯ୍ୟ ପରିଚାଳନା ରେ ସମ୍ମିଳିତ ପ୍ରୟାସ କୁ ପ୍ରୋତ୍ସାହିତ କରିବା ଦିଗରେ ପି.ଆଇ.ଡବ୍ଲ୍ୟୁ ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କାର୍ଯ୍ୟକ୍ରମକୁ ବ୍ଲାଷ୍ଟ ଫର୍ନେସ୍ ର ଉପ ମହାପ୍ରବନ୍ଧକ ଶ୍ରୀ ବି.ବି.କେ. ବେହେରାଙ୍କ ସହ ଏଚ.ଆର – ଏଲ.ଆଣ୍ଡ.ଡି ର ସହକାରୀ ମହାପ୍ରବନ୍ଧକ ସୁଶ୍ରୀ ଜ୍ୟୋତି ଓରେୟା ଏବଂ ଏଚ.ଆର – ଏଲ.ଆଣ୍ଡ.ଡି ର ବରିଷ୍ଠ ପ୍ରବନ୍ଧକ ସୁଶ୍ରୀ ଜ୍ୟୋତିର୍ମୟୀ ରାଉତିଆ ସଂଯୋଜନା କରିଥିଲେ ।

# ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ବିୟୋଗ



ଭୁବନେଶ୍ୱର, ୧/୮ (ନି.ପ୍ର): ଗତକାଲି ରାତି ପ୍ରାୟ ୮ଟା ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ତଥା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ପ୍ରେମଶୀଳା ମେହେରଙ୍କ ବିୟୋଗ ଭୁବନେଶ୍ୱର କଳିଙ୍ଗବିହାରସ୍ଥିତ ବାସଭବନରେ ହୋଇଯାଇଛି । ତାଙ୍କର ସୁପୁତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପାଖରେ ସେ ରହୁଥିଲେ । ଦୀର୍ଘଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ତାଙ୍କ ପଛରେ ସେ ତାଙ୍କର ଏକମାତ୍ର ପୁତ୍ର ମଣୀନ୍ଦ୍ର, ପୁତ୍ରବଧୂ ଦୀପ୍ତିମୟୀ ଓ ନାତି ଶୌଭିକ ସୁମନଙ୍କୁ ଛାଡ଼ି ଯାଇଛନ୍ତି । ସେ ଜଣେ ଅତ୍ୟନ୍ତ ଭଦ୍ର, ଅମାୟିକ, ସାହିତ୍ୟପ୍ରେମୀ, ଭଗବତ୍ ବିଶ୍ୱାସୀ ମହିଳା ଥିଲେ । ସ୍ୱଭାବ କବି ଗଙ୍ଗାଧରଙ୍କ ସ୍ମୃତି ରକ୍ଷା ପ୍ରତି ସାରା ଜୀବନ ନିଜକୁ ସେ ଉତ୍ସର୍ଗ କରିରଖିଥିଲେ । ବରପାଲିସ୍ଥିତ କବି ପରିବାରଙ୍କ ନୂତନ ଭବନ 'ଗଙ୍ଗାଧର ସ୍ମୃତି ସଦନ'ରେ ସଂରକ୍ଷିତ ହୋଇ ରହିଥିବା କବିଙ୍କ କଲମ, ଦୁଆତ, ପାଣ୍ଡୁଲିପି,କୋର୍ଟ, କଠଉ, ଥାଳି, ପିଢ଼ା, ତତ୍କାଳୀନ କବି ଲେଖକଙ୍କ ଚିଠି ପତ୍ର ଆଦିକୁ ସଯତ୍ନରେ ସାଇତି ରଖିବା ସହିତ ବାହାରୁ ଆସୁଥିବା ଗଙ୍ଗାଧର ପ୍ରେମୀଙ୍କୁ ଆଗ୍ରହ ସହକାରେ ଦେଖାଉଥିଲେ । ସ୍ୱଭାବ କବିଙ୍କ ଜୟନ୍ତୀ ହେଉ ବା ଶ୍ରାଦ୍ଧ ଦିବସକୁ ପରିବାରରେ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଭୁବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଯାଇଛି । ତାଙ୍କର ଏକମାତ୍ର ପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମୁଖାଗ୍ନି ଦେଇଥିଲେ ।ତାଙ୍କ ଶେଷ ଦର୍ଶନ ଓ ଅନ୍ତ୍ୟେଷ୍ଟି କ୍ରିୟା ସମୟରେ ତାଙ୍କ ପୁତୁରା ତଥା ସ୍ୱଭାବ କବିଙ୍କ ପ୍ରପୌତ୍ର ନାଟ୍ୟକାର ମିହିର କୁମାର ମେହେର, ଡକ୍ଟର ସୁଶୀଳ କୁମାର ବାଗ୍, ବିପଦର ବନ୍ଧୁ ନିରା କାର ସାହୁ, ସମାଜସେବୀ ସୁଧାଂଶୁ ସାହୁ, ଅରୁଣ ଡାକୁଆ, ଚନ୍ଦନ ସିଂହ, ବାପି ନାୟକ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଗବେଷକ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବିୟୋଗରେ କବିଙ୍କ ଜନ୍ମସ୍ଥାନ ବରପାଲି ଓ ଭୁବନେଶ୍ୱରର ସାହିତ୍ୟିକ ମହଲରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତା ମେହେରଙ୍କ ପରଲୋକ ଖବର ପାଇ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ, ଗଙ୍ଗାଧର ପ୍ରେମୀ ଶୋକପ୍ରକାଶ କରିବା ସହିତ ତାଙ୍କ ପୁତ୍ର ମଣୀନ୍ଦ୍ର କୁମାରଙ୍କୁ ସମବେଦନା ଜଣାଉଛନ୍ତି ।

# ପାନୀୟ ଜଳ ଓ ପରିମଳ ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୧/୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ସମୀକ୍ଷା ନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ମାସିକ ସମନ୍ୱୟ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି, କାର୍ଯ୍ୟକ୍ଷମ ତାରିଖ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟସୀମା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ 'ବସୁଧା' ଓ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କ ଯୋଜନା ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ, ୪୨ଟି ଗ୍ରାମପଂଚାୟତକୁ ସାମିଲ୍ କରୁଥିବା ମେଗା ପିଡବ୍ଲ୍ୟୁଏସ୍ ପ୍ରକଳ୍ପ ଏବଂ ବ୍ଲକ୍ୱାରୀ ମେଗା ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ଏହାସହ ନଳକୂପ ଗୁଡ଼ିକର ଆଶୁ ମରାମତି ଏବଂ ପାନୀୟ ଜଳ ପାଇପଲାଇନ୍ର ପୁନରୁଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନୂତନ ସଡ଼କ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହେଉଥିବା ପୁରୁଣା ପାଇପଲାଇନ୍ ଗୁଡ଼ିକର ତୁରନ୍ତ ମରାମତି ଓ ପୁନଃସ୍ଥାପନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ପାଇପଲାଇନ୍ କ୍ଷତିଗ୍ରସ୍ତ ହେଲେ ଆର.ଡବ୍ଲ୍ୟୁ.ଏସ୍.ଏସ୍ ଓ ଶିଳ୍ପାନୁଷ୍ଠାନଗୁଡ଼ିକ ତୁରନ୍ତ ମରାମତି କାର୍ଯ୍ୟ ହାତକୁ ନେବା ପାଇଁ ଆଲୋଚନା ହୋଇଥିଲା । ବିଶେଷ କରି ଲୋକସେବା ବାଧାପ୍ରାପ୍ତ ନହେବା ପାଇଁ ପୂର୍ତ୍ତ ବିଭାଗ, ବେଦାନ୍ତ କର୍ତ୍ତୃପକ୍ଷ ଯୁଗ୍ମ ପରିଦର୍ଶନ କରି ସମସ୍ୟାର ସମାଧାନ କରିବାକୁ କୁହାଯାଇଛି । ଅନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରିବା, କାର୍ଯ୍ୟର ମାନ ବଜାୟ ରଖିବା ଏବଂ ପ୍ରତିଦିନର କାର୍ଯ୍ୟାନ୍ୱୟନକୁ ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ରିଅଲ-ଟାଇମ୍ ଅପଡେଟ୍ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଆର.ଡବ୍ଲ୍ୟୁ.ଏସ୍.ଏସ୍, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଟାଟା ପାୱାର ଏବଂ ବେଦାନ୍ତର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶ: ସମସ୍ତ ପ୍ରମୁଖ ବିଭାଗର ଅଧିକାରୀ ଓ କର୍ମଚାରୀ ମୁତୟନ

ଭଦ୍ରକ, ୧/୮ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ କଲେକ୍ଟରେଟ୍‌ରେ ୨୪x୭ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । କଣ୍ଟ୍ରୋଲ ରୁମ୍‌ଟି ଦିନରାତି କାର୍ଯ୍ୟକ୍ଷମ ରହି ପରିସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସମନ୍ୱୟ କରିବ । କଣ୍ଟ୍ରୋଲ ରୁମ୍‌ରେ ସ୍ୱାସ୍ଥ୍ୟ ବିଭାଗ , ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଯୋଗାଣ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଅଗ୍ନିଶମ ସେବାର ଅଧିକାରୀ ଓ କର୍ମଚାରୀମାନେ ୨୪ ଘଣ୍ଟା ଉପସ୍ଥିତ ରହି ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି ।ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକ ସେବାର ନିରନ୍ତର ଯୋଗାଣ ଏବଂ ଜରୁରୀ ସହାୟତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ଓ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ନିର୍ଭୀକତାର ସହ ବାଟଚାଲିବାର କୌଶଳ ଶିଖାଇଥାଏ ଆତ୍ମରକ୍ଷା ତାଲିମ: ପ୍ରମୋଦ କୁମାର ରାଉତ




ଉଦଳା, ୧/୮ (ନି.ପ୍ର): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ପକ୍ଷରୁ +୩ରେ ଅଧ୍ୟୟନରତ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଗତ ଜୁଲାଇ ୨୧ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ୩୧ ତାରିଖ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଦିର୍ଘ ୧୦ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ପ୍ରଶିକ୍ଷିକା ଭାବରେ ପଲ୍ଲବି ନାୟକ ଓ ଦୁଲାରି ଟୁଡୁ ଯୋଗଦେଇଥିବା ବେଳେ ୭୫ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରିବା ସହ ଆତ୍ମରକ୍ଷା ତାଲିମ ନିର୍ଭିକତାର ସହ ବାଟଚାଲିବାର କୌଶଳ କିପରି ଶିଖାଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼କ୍ଟର ନିରଂଜନ ପାଠୀ, ଆଭ୍ୟନ୍ତରିଣ ଅଭିଯୋଗ କମିଟିର ସଭାପତି ଅଧ୍ୟାପିକା ଡ଼କ୍ଟର ଶୁଭଦର୍ଶନି ମହାନ୍ତି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଏହି ତାଲିମ କିପରି ସାରା ଜୀବନ ଦରକାରରେ ଆସିବ କହିବା ସହ ଏହାକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ବଂଟନ ପର୍ବ ଆରମ୍ଭ ହୋଇଥିଲା । ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ଼କ୍ଟର କମଳିନି ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହ ଉଦ୍‌ଯାପନ ଉତ୍ସବର ଯବନିକା ପକାଇଥିଲେ ।

# ଯୁବବର୍ଗଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସେଲ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ




ରାଉରକେଲା, ୧/୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସି.ଏସ.ଆର ବିଭାଗ ସହଯୋଗରେ ଇସ୍ପାତ ଜେନେରାଲ ହସ୍ପିଟାଲ ଦ୍ୱାରା ଜୁଲାଇ ୩୦ ତାରିଖରେ ବିଶ୍ରା ବ୍ଲକ୍‌ର ସରକାରୀ ଉଚ୍ଚ ବିଦ୍ୟାଳୟ, ଝିରପାଣିଠାରେ ଏକ କିଶୋର ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଗର୍ଭାଶୟ ଗ୍ରୀବା କର୍କଟ ଉପରେ ବିଶେଷ ଧ୍ୟାନ ଦେଇ କିଶୋରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ସୁସ୍ଥ ଜୀବନଶୈଳୀ ଅଭ୍ୟାସକୁ ଉତ୍ସାହିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଶିବିରରୁ ବିଦ୍ୟାଳୟ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଜଣ ଏଥିରେ ଲାଭାନ୍ୱିତ ହୋଇଥିଲେ । ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ.ଆର ) ଶ୍ରୀ ବି. ମଲ୍ଲିକ, ବରିଷ୍ଠ ଚିକିତ୍ସା ଅଧିକାରୀ (ଓ ଆଣ୍ଡ ଜି) ଡାକ୍ତର କୁମାରୀ ପ୍ରିୟା ଏବଂ ଶିଶୁରୋଗ ବିଶେଷଜ୍ଞଙ୍କ ଏକ ଟିମ୍ ଉପସ୍ଥିତ ଥିଲେ । ସର୍ଭିକାଲ କର୍କଟ ବିରୋଧରେ ଏକ ପ୍ରଭାବଶାଳୀ ନିବାରକ ପଦକ୍ଷେପ ଭାବରେ ହ୍ୟୁମାନ୍ ପାପିଲୋମାଭାଇରସ୍ (ଏଚ.ପି.ଭି) ଟିକାକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ସମୟୋପଯୋଗୀ ଟିକାକରଣର ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲ ରେ ଏଚ.ପି.ଭି ଟିକା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହି ସଚେତନତା ଅଭିଯାନ ଯୋଗ୍ୟ କିଶୋରୀ ଏବଂ ସେମାନଙ୍କ ପରିବାରକୁ ଏହି ସୁବିଧାର ଲାଭ ଉଠାଇବାକୁ ଏବଂ ସର୍ଭିକାଲ କର୍କଟ ରୋକିବା ଦିଗରେ ଏକ ସକ୍ରିୟ ପଦକ୍ଷେପ ନେବାକୁ ଉତ୍ସାହିତ କରିଥିଲା । ଏହି ଶିବିରରେ କିଶୋର ସ୍ୱାସ୍ଥ୍ୟର ପ୍ରମୁଖ ଦିଗଗୁଡ଼ିକ ଯେପରିକି ମାନସିକ ସୁସ୍ଥତା, ପୋଷଣ, ଋତୁସ୍ରାବ ସ୍ୱଚ୍ଛତା, ନିଶାଦ୍ରବ୍ୟ ସେବନରୁ ନିବୃତ୍ତ ରହିବା, ବ୍ୟକ୍ତିଗତ ସ୍ୱଚ୍ଛତା, ଜୀବନଶୈଳୀ ସମ୍ବନ୍ଧୀୟ ରୋଗ, ରକ୍ତହୀନତା, ଶାରୀରିକ ସୁସ୍ଥତା ଏବଂ ଭାବନାତ୍ମକ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ କିଶୋରୀମାନଙ୍କୁ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ଖୋଲାଖୋଲି ଭାବରେ ଆଲୋଚନା କରିବାକୁ ଏବଂ ଏକ ଗୋପନୀୟ ଓ ସହାୟକ ପରିବେଶରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ପରାମର୍ଶ ନେବାକୁ ଏକ ମଞ୍ଚ ପ୍ରଦାନ କରିଥିଲା । ଏହି ପଦକ୍ଷେପ ଜନସ୍ୱାସ୍ଥ୍ୟ ଏବଂ ରୋଗ ନିବାରଣ ସଚେତନତା, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ, ସେଲ୍, ଆର.ଏସ.ପି ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## AFFIDAVIT

By virtue of an affidavit sworn before Executive Magistrate, Basudevpur, dated 02/05/2026 I, Kalandi Behera, Address At-Joragadia, Po/Ps-Naikanidihi, Dist-Bhadrak, Pin-756164, State-Odisha declare that I have changed my name from Kalakar Behera to Kalandi Behera. Henceforth, I shall be known as Kalandi Behera for all purposes.

**Kalandi Behera**

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଅଗଷ୍ଟ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୪୧ ମାଗାନ୍ଦିଆ (ବୁଦ୍ଧଙ୍କ ପ୍ରତି କ୍ରୋଧ ପୋଷଣ କରୁଥିବା ସୁନ୍ଦରୀ କନ୍ୟା)(ଖ)



ସେ ପୁଣି ବର୍ଣ୍ଣନା କଲେ ଯେ ସେ କିଭଳି ସମସ୍ତ ଉପଭୋଗ ସହିତ ଗୃହସ୍ଥ ଜୀବନ ତ୍ୟାଗ କରିଛନ୍ତି ଏବଂ କିପରି ମାୟା ରୂପୀ ସୁନ୍ଦରୀକନ୍ୟାମାନେ ମଧ୍ୟ ତାଙ୍କୁ ଆକର୍ଷିତ କରିପାରିବେ ନାହିଁ। ସେ ପ୍ରକାଶ କଲେ ଯେ ଶରୀର ଯେତେ ସୁନ୍ଦର ହେଉନା କାହିଁକି ତାହା ମଇଳାରେ ପରିପୂର୍ଣ୍ଣ।

ଏହା ଶୁଣି ବ୍ରାହ୍ମଣ ଏବଂ ତାଙ୍କ ପତ୍ନୀ ତୁରନ୍ତ ବୁଝିପାରିଲେ ଯେ ସାଂସାରିକ ଜୀବନ ଦୁଃଖମୟ ଏବଂ ଏହା ଯେତେ ସୁନ୍ଦର ଦେଖା ଯାଉନା କାହିଁକି, ଏଥିପ୍ରତି ଆସକ୍ତ ହେବା ଅନୁଚିତ। ଉଭୟେ ସନ୍ଥତ୍ୱର ତୃତୀୟ ପର୍ଯ୍ୟାୟ, ଅନାଗାମୀ (ଅପ୍ରତ୍ୟାବର୍ତ୍ତନକାରୀ) ପ୍ରାପ୍ତ ହେଲେ।


ଦୁର୍ଭାଗ୍ୟବଶତଃ ଅହଙ୍କାରୀ ମାଗାନ୍ଦିଆ, ଯିଏ ଆଧ୍ୟାତ୍ମିକ ଭାବରେ ବିକଶିତ ନଥିଲେ, ଏହି ଶବ୍ଦଗୁଡ଼ିକର ବାସ୍ତବିକ ଅର୍ଥ ବୁଝିପାରିଲେ ନାହିଁ। ସେ ଭାବିଲେ ଯେ ବୁଦ୍ଧ ତା'ର ସୌନ୍ଦର୍ଯ୍ୟକୁ ଅପମାନିତ କରୁଛନ୍ତି। "ଯେତେବେଳେ ଅନେକ ପୁରୁଷ ପ୍ରଥମ ଦେଖାରେ ମୋ ସୌନ୍ଦର୍ଯ୍ୟରେ ମୋହିତ ହୋଇଯାଇଛନ୍ତି, ସେତେବେଳେ ଏହି ଭିକ୍ଷୁ ମୋତେ କିପରି ଅପମାନିତ କରିପାରିବେ ? ସେ ମୋତେ ବିବାହ କରିବାକୁ ନଚାହିଁପାରନ୍ତି, ମାତ୍ର ମୋର ଶରୀର ମଇଳାରେ ପୂର୍ଣ୍ଣ ବୋଲି କହିବା ଉଚିତ ନୁହେଁ।" ହାତକୁ ଜୋର୍‌ରେ ମୁଠାକରି ଅନୁଚ୍ଚ ସ୍ୱରରେ କହିଲେ, "ହେ ଭିକ୍ଷୁ, ଆପଣ କେବଳ ଅପେକ୍ଷା କରନ୍ତୁ। ଯେତେବେଳେ ମୁଁ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ବିବାହ କରିବି, ସେତେବେଳେ ମୁଁ ତୁମକୁ ଉଚିତ ଶିକ୍ଷା ଦେବି।"

ପରେ ତାଙ୍କର ବିବାହ ଉଦେନାର ରାଜାଙ୍କ ସହ ହୋଇଗଲା। ଯେତେବେଳେ ସେ ଶୁଣିଲେ ଯେ ବୁଦ୍ଧ ତାଙ୍କ ନଗରୀକୁ ଆଗମନ କରିଛନ୍ତି, ସେତେବେଳେ ବୁଦ୍ଧଙ୍କ ପ୍ରତି ତାଙ୍କର ଘୃଣା ପୁନଃଜାଗ୍ରତ ହେଲା ଏବଂ ସେ ଲୋକମାନଙ୍କୁ ଅର୍ଥ ଦେଇ ବୁଦ୍ଧଙ୍କୁ ଅପମାନିତ କଲେ, ଯାହାଫଳରେ ସେ ସେଠାରୁ ଛାଡ଼ି ପଳାଇବେ।

ବୁଦ୍ଧଙ୍କ ସହ ଥିବା ଆନନ୍ଦ ସେଠାରେ ରହି ଅପମାନ ସହ୍ୟ କରିବାକୁ ଚାହୁଁନଥିଲେ। କିନ୍ତୁ ବୁଦ୍ଧ ତାଙ୍କୁ ସହନଶୀଳତା ଓ ଧୈର୍ଯ୍ୟ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ବୁଦ୍ଧ କହିଥିଲେ, "ଯେପରି ଯୁଦ୍ଧକ୍ଷେତ୍ରରେ ହାତୀ ଧନୁରୁ ନିର୍ଗତ ତୀରକୁ ସହ୍ୟ କରିନିଏ, ଠିକ୍ ସେହିପରି ମୁଁ ଅଧାର୍ମିକ ଲୋକଙ୍କ ଦୁର୍ବ୍ୟବହାର ସହ୍ୟ କରିବି।" ବୁଦ୍ଧ କହିଥିଲେ ଯେ ଅପମାନଜନକ କଥାବାର୍ତ୍ତା ଅଧିକ ସମୟ ପର୍ଯ୍ୟନ୍ତ ଚାଲିବ ନାହିଁ, କାରଣ ବୁଦ୍ଧଙ୍କ ଶକ୍ତି ଏହିପରି। ସେମାନେ ଉଦେନାରେ ରହିଲେ ଏବଂ ଯଥାଶୀଘ୍ର ସମସ୍ତ ଦୁର୍ବ୍ୟବହାର ସମାପ୍ତ ହୋଇଗଲା। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୧୬



## ମାମଲା (ତ)

### ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ବାବା ବିବାକ ଗେରୁ। ହଳଦିଆ ବାବା। ତକତକ ଚେହେରା। କଳା ଚିକ୍‌ଚିକ୍ କେଶଦାଢି। ଆଇଲେ ଅଜଣାଦେଶରୁ। ଗାଇଲେ ଅନର୍ଗଳବାଣୀ। ମଠ ବନେଇଲେ। ସୁଖ୍ୟାତି ବଢିଲା।ପ ।ଖଆଖ ଗାଁ'ରୁ ଶିଷ୍ୟ ଶିଷ୍ୟା ଗଢିଲେ। ଚର୍ଚ୍ଚା ଜମିଲା। ସେଇ ଗାଁ'ର ମଜବୁତିଆ ଭେଣ୍ଡା ବନିଗଲା ବଡ଼ଚେଲା। ଚାଷବାସ ଭୁଲିଗଲା। ମଠର ଗୁମାସ୍ତା ବନିଲା। ଶାଳିଅନ୍ନ, ଗୁଆଘିଅ ଛୁଙ୍କ ଡାଲମା ଖାଇ ସେ ବି ବନିଗଲା ଗୋଲାପୀ ଗୋଲାପୀ। ମନ ବଗୁଲିଆ ଧଇଲା। ନବୀନାଙ୍କୁ ଟେରେଇ ଚାହିଁଲା। ଝାଞ୍ଜ ବଜେଇ ସଂଧ୍ୟା କୀର୍ତ୍ତନ ବଦଳରେ ଡିସ୍କୋ ନାଚିଲା। ବାବା ଦିନେ ଜଣେ ଶିଷ୍ୟା ସହ ଉଭାନ ହୋଇଗଲେ। ଚେଲା ଅନେଇଲା ଦିନେ, ଦି'ଦିନ, ସାତଦିନ। ପତା ନାହିଁ। ଗାଁ'ବାଲାଙ୍କ ବିଶ୍ୱାସ ତୁଟିଗଲା। ମଠ ଚାଳ ଓଲାରି ରୁଅ ବତା ଝିଙ୍କି ନେଇ ଚୂଲିରେ ପୂରେଇଲେ ଲୋକେ। ଶିଷ୍ୟା ବାପାମା' ଝିଅ ବୋଝ ଗଲା କହି ପଞ୍ଚାମୃତ ଗଙ୍ଗାଜଳ ପାଇଦେଲେ। ଶିଷ୍ୟଟି ବିଲ ବାଛିବାକୁ ନାକ ଟେକିଲା। ଚନ୍ଦନ ମାରି ଭିକ ମାଗିଲା ଗିନି ବଜାଇ। ଫୁଲିଲା ଡାହାଣପାଦ । ବେମାରୀ ହାତିଖୋଡିଆ। ଦିନକୁଦିନ ସେ ଗୋଡକୁ ଉଠେଇ ଚାଲିବା ତକଲିଫ ହେଲା। ନିଜ ଗାଁ' ଲୋକେ ତା ନାଁ'ରେ ପୋକ ପକେଇ ଦେଲେ। ନୁଙ୍ଗୁଡା କଉଁଠିକାର। ଭଣ୍ଡ ସହ ଭାଣ୍ଡ ହେଲା। ଡିସ୍କୋ ନାଚିଲା। ଗୋଡ ଛିଡିଯିବ ଗଡଗଡ। ଦେଖିବ। ଧଡାନ୍ତିଆ ପଡିବ। ତାକୁ ଘରେ ପୂରେଇଲେନି ପରିବାର ଲୋକ।

ଗାଁ' ମୁଣ୍ଡକରଗଛ ମୂଳେ ରସେବଲା ଦେଖେଇ ଛିଣ୍ଡା କଳାକତରା ଘୋଡି ହୋଇ ବସିଲା। ନିର୍ବଳ ହୋଇ ଶୀତକାକରରେ ଧକେଇଲା। ଗୋଡରେ ଘା' ହୋଇ ମାଛି ଭଣଭଣ ହୋଇଗଲା। କଲବଲରେ ଜୀବନ ଚାଲିଗଲା ଚେଲାର।

ପୁରସ୍ତମ ଫେରନ୍ତା ପଡିଶା ଗାଁ'ର ଦି'ଜଣ ନାଥଯୋଗୀ ଦିନଟେ ଘୋଷଣା କରିଦେଲେ: ବାବା ଘରସଂସାର କରି ଦି'ପୁଅ ଝିଅରେ ପରମ ଆନନ୍ଦରେ ବ୍ରହ୍ମଗିରିରେ ବ୍ରହ୍ମଚର୍ଯ୍ୟ ପାଳୁଛନ୍ତି ।

ମାମଲା ଖଲାସ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦

# ପାଉଁଜିର ପାଣ୍ଡୁଲିପି-୨୭

### ବିପିନ ମହାନ୍ତି

## ନିସର୍ଗ ପ୍ରେମ



ଚତୁରୀ ନାରୀର କତୁରୀରେ କିଏ କଲିଜା କାଟିଛି କୁହ
ନାକ କାନ୍ଦୁରୀର କୁମ୍ଭୀର କାନ୍ଦଣା ଆଖିରୁ ପୋଛିଛି ଲୁହ
ନିଜ ଗୋଡେ ନିଜେ କୁରାଢି ମାରିଛି କାତିରେ କାଟିଛି ଛାତି
ଛତରା ବଜାର ଛପନ ଗଳିରେ ପୁହାଇଛି ଶୀତରାତି ।

ତଉଲିଛି କିବା ନିକିତିରେ କା'ର ନିଃସର୍ତ୍ତ ପ୍ରେମକୁ ରଖି
ପରଖିଛି କିବା ଖାଣ୍ଟି ଆଉ ଖାଦ ଗୋରାମନ ତୋର ଦେଖି
ଦେଖିଛ କି କେବେ ଟୁକୁଡା ଟୁକୁଡା ହୃଦୟ ଲାଗଇ ବାଜି
ହଜାରେ ହାଟରେ ନିଲାମ ହେବାକୁ ପ୍ରେମ ହୋଇଯାଏ ରାଜି ।

ପ୍ରେମ କରୁଅଛି ହିସାବ ନିକାଶ କେତେ ଦେଲା କେତେ ନେଲା
ପାପ ପୁଣ୍ୟକୁ ଖାତାରେ ଯୋଡୁଛି ଭାରି କାହା ପଟ ପଲା
ରଂଗ ବଦଳାଏ ପିନ୍ଧା ଲୁଗା ପରି ଘଡିକେ ଛୁଟାଏ ଘୋଡା
ଜବାବ ମାଗୁଛି ରୂପର ହାଟରେ ଖଣ୍ଡା ଧାରେ କରି ଛିଡା ।

ପ୍ରେମ ଏଠି ଆଜି ପଣ୍ୟଦ୍ରବ୍ୟ ପରି ଖୁଚୁରା ମାଗିଲେ ମିଳେ
ସାତ ଜନ୍ମର ଏ' ପବିତ୍ର ବନ୍ଧନ ଡୁବିଲାଣି ରସାତଳେ ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା



## ସଂଯୋଗ

### ପ୍ରଜ୍ଞା ପାରମିତା ମିଶ୍ର

ମୁଠେ ଆକାଶ ଆଉ ସେ
ଗୋଟେ ଜଳନ୍ତା ନିଆଁର ଶିଖାସବୁକୁ
କୋଳେଇନେଲାବେଳେ ଆକାଶ
ମାଘର ବାଘକୁ ଉପଭୋଗ କରୁଥିବା ପୃଥିବୀରେ
କିଏ ଜଣେ ଭଲପାଏ ଫୁଙ୍ଗୁଳା ଶବ୍ଦସବୁକୁ
ପିନ୍ଧେଇଦବାକୁ ଘେରାଏ ଶୀତବସ୍ତ୍ର

ଖୁବ୍ ଭଲପାଏ ଆକାଶକୁ ବୋଲି
ଖାଲି ମଞ୍ଜୁଆତି ନୁହେଁ ପୋଇରେ ବି ଆଙ୍କିପକାଏ
ନିୟୁତେ ନକ୍ଷତ୍ର, ଗୋଛେ ଗ୍ରହାଣୁପୁଞ୍ଜ
ଆଉ ଗୋଟେ ଲଞ୍ଜାତାରା
ସାଉଣ୍ଟିନିଏ ପାପୁଲିରେ ଆକାଶ ସାରା !

ମୁଠାଭର୍ତ୍ତି ଆକାଶରେ ଆତ୍ମହରା ତା ମନ,
ଜାଣିପାରେନି ଯେ, ଏଇତ, ଏବେ ଏବେ
ଆକାଶ କୋଳେଇଛି ରଡ଼ନିଆଁର ଗୁଡେ ଶିଖା !

ନିୟତିର ଅଦୃଷ୍ଟ ଲିପି ଉପଭୋଗକରେ ତା ଜଳକା ପ୍ରାଣ !
ଆଉ ସେ ଛଡଉଥାଏ କମଳା ରୁ କଳା ପର୍ଯ୍ୟନ୍ତ
ଅର୍ଦ୍ଧଦଗ୍ଧ ଅବସ୍ଥାର ଆକାଶେ ପ୍ରେମ ।

ପଣତ ଉହାଡରେ ଲୁଚାଏ ଇହକାଳ, ପରକାଳ
ଗୁମୁରି ବାଣ୍ଟିଦିଏ ବର୍ତ୍ତମାନ
ସ୍ଥିର ଖାଲିପଣରେ ତୋଳେ ଜହ୍ନର ଛାଇ
ଅଗଣା ପାଣି କୁଣ୍ଡରେ ଦେଖେ କୁଣ୍ଡେ ତାରା
ହେଲେ, ଟିକେ ବି କଣେଇ ଚାହେଁନି ସେ
ଆକାଶ ଆଡ଼େ !
ଅଲକ୍ଷ୍ୟରେ ଲକ୍ଷ୍ୟକରି ଫୋପାଡ଼ିଦିଏ ନିଜ ଶୂନ୍ୟତାରୁ କିଛି
ଆହୁରି ନୀଳ ଦେଖାଯାଉ ବୋଲି ସେ ମହାଶୂନ୍ୟ !

ମୋହ ପାହାଡ଼ ଦେହରୁ ମୁକ୍ତି ନଇ ଧାରରେ
ଅହୁଳା ମାରୁ ମାରୁ,
ଧାଇଁଆସନ୍ତି ସେ ଶୀତବସ୍ତ୍ର ପିନ୍ଧା ଫୁଙ୍ଗୁଳାମାନେ !
ଉପହାର ଦିଅନ୍ତି ଗୋଟେ ଝର କଲମ
ଆଉ କାନରେ ଜିଦ୍ଦିକରି କୁହନ୍ତି
ଝରେଇଦେ ସେ ପୋଡ଼ା ପାପୁଲିରୁ
ବଳକା ଯେତେ ତୋର ଆହତ ଅଭିମାନ !

♥ ସତୀଚଉରା, କଟକ
(ମୋ) ୭୯୭୮୯୪୨୧୩୮

## ବର୍ଷା ଆସିଚି



### ନିହାରିକା ରାୟ ବରାଳ

ବର୍ଷା ଆସିଚି
ସ୍ମୃତି ପେଟରାରୁ
ସବୁତକ ରୋମାଞ୍ଚକୁ ସାଙ୍ଗରେ ନେଇ
ମୋ ବାଲକୋନୀକୁ ଲାଗି ଆସିଥିବା
ଚମ୍ପାଗଛର ଭିଜାପତ୍ରସବୁ
ତୋ ପ୍ରେମ ପରି ଚିକିମିକି କରୁଛନ୍ତି
ଫରେଷ୍ଟ ପାର୍କର ପଶ୍ଚିମପଟ ଆକାଶରୁ
ଭସା ବାଦଲ ଖଣ୍ଡେ
ତୋ ଭଲ ପାଇବାର ସ୍ୱୀକୃତି ନେଇ
ପହଁଚି ଯାଇଚି
ମୋ ଉଦବିଗ୍ନ ମନ ଦରଜା ପାଖରେ ।

ମୋ ନୀଳ ଶାଢ଼ି ପରି ଦିଶୁଚି ତା ମୁହଁ
ମୋ କବିତା ପରି ଲାଗୁଚି ତା'ର ଗୁଂଜନ
ମୋ ମାପଚୁପ କଥା ପରି
ଆସ୍ତେ ଆସ୍ତେ ରିଆଜ ତୋଳୁଛି
ବର୍ଷାର ଅଭିସାରିକା ପଣ ।

ଭିଜା ମାଟିର ବାସ୍ନା ଚାରିଆଡେ
ତୋ ଦେହର ବାସ୍ନା ପରି ମହକୁଚି
ମୋ ଗୋଟା ଯାକ ଅତର
ମେଘ ମହ୍ଲାରର ଚିଟାଉ ଲେଖୁଚି
କେବେ ଠାରୁ ଅତୃପ୍ତ ପୁରୁବା ପବନ
ସର୍ବଂସହା ଭୂମି ପରି
ଆପଣେଇ ନେଇଚି
ମୋ ପାଇଁ ତୋର ପ୍ରତିଟି ସମ୍ବୋଧନ ।

ଆଗପରି ଆଉ ବର୍ଷାରେ ଭିଜୁନି ମୁଁ,
ମଜୁନି ମୁଁ
କାଗଜଡ଼ଙ୍ଗା ଭସା ଅତୀତରୁ
ଜୀବନର ତରୀ ଏବେ ଉବୁଟୁବୁ
ଦୁଃଖ ଲହଡିରେ
ତିତିକ୍ଷାର ଚରମ ସୀମାରେ ।

କିଛି କମ୍ପନ, କିଛି ଆତ୍ମଗୋପନ
କିଛି ଅନୁତାପ, କିଛି ଉଦାସିଆ ପଣ
ବର୍ଷାର ଏ ରିମଝିମ ନୂପୁର ଶବ୍ଦରେ...
ତୁ ଆସିବୁ ତ ପୁଣିଥରେ
ବାହିନେବା ଜୀବନ ନଉକା
ମେଘ ଆଉ ମୁଁ ମିଶି ତୋରି ସାଥିରେ !

ଅନୁରାଗ
ବି / ୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର ଭୁବନେଶ୍ୱର

## ବାଉଁଶ ରାଣୀ



### ଦୀପିକା ହୋତା

ଶାନ୍ତି ଖୋଜୁଥିବା ପେଟ ପାଇଁ
ଡହଳ ବିକଳ ହୁଏ
ହୁତୁ ହୁତୁ ନିଆଁ ଲଗା ଖରାରେ
ସଡ଼କ ଦାଢେ ନାଚେ
ବାଉଁଶରାଣୀ ।

ବାପା ବାଜା ବଜାନ୍ତି
ମାଆ ଥାଳି ଧରି ଭିକ୍ଷା କରନ୍ତି
କୁନିଝିଅ ସାଇକେଲ ଚକରେ
ଦୋଳିଖେଳେ,
ଏ ଖୁସିର ଖେଳ ନୁହେଁ
ଜୀବନ ଜିଇଁବାକୁ
ପେଟର ଜ୍ୱାଳାର
ବିକଳ ଚିତ୍କାର ପାଇଁ
ଏଇତ ନାଟଶାଳାରେ ଭୋକର ନାଟ
ଭାତ ଯୋଗାଡ଼ରେ ।

ଜନ୍ମ ହେଇ ଦୁନିଆଁ ଦେଖିଲା
ମା' ଠାରୁ କ୍ଷୀର ପିଇ
ଭୋକଶୋଷ ମେଣ୍ଟାଇଲା,
କୁନି ପାଦ ଥାପି ଥାପି
ଚାଲିବା ଦିନଠୁ,
ଭୋକ ଶୋଷ ଅଲଗା ହେଇଗଲେ,
ପେଟକୁ ଲାତ ମାରି ମାରି ...

ଭୋକ ଶ୍ରାବଣର ବର୍ଷା ଝରାଇଲା
ନୟନର ମୂଷଳଧାର
ଜ୍ୱାଳାକୁ ମାରିବା ବଦଳେ
ଆହୁରି ଜଳେଇ ଜଳେଇ
ଯନ୍ତ୍ରଣା ଭରିଦେଲା ।

ବାଉଁଶରାଣୀ
ଯେତେ ନାଚିବ ସେତିକି ଖୁସି ପରଶିବ
ହାରିବା ଶିଖିନି କି
ଉଚ୍ଚ ସ୍ୱପ୍ନ ଦେଖିନି ସେ
ଜାଣିଛି -
ପେଟ ଓ ଭାତର ସଂପର୍କ କଣ ?
ମାପିଛି -
ଜୀବନ ଭିତରେ ଦୁଃଖର ଗଭୀରତା ।
ସେଥିପାଇଁ ତ ଟଳମଳ ଡଙ୍ଗାକୁ
ବାଉଁଶବାଡ଼ିରେ ବେଲେନ୍ସ ରଖି
ବାଜା ସାଙ୍ଗେ ନାଚି ନାଚି
ଆଗେଇ ଚାଲିଛି ।

ଖରା ବର୍ଷା ଶୀତ ସବୁ ଏକା,
ଭିନ୍ନ ପରିସ୍ଥିତି
ହେଲେ ଲକ୍ଷ୍ୟ ବି ଏକା
ଝରି ଝରେ ଚୁନିଚୁନି ଫୁଲ
ଫାଟିପଡେ ହସି ହସି
ପାଚିଲା ଗହମ କିଆରି ।

ପରାଣ ଭରି ବିତରିପାରେ ହସ
ଲୋକଙ୍କ ଛାତିକୁ
ଦୋହଲାଇ ଦେଇପାରେ ପଦ୍ମନାଡ ଭଳି
ରୋଜଗାର ଖଂଜିଦିଏ ପରିବାର ପାଇଁ
ପେଟର ଭୋକ ମରୁ ବା ନମରୁ
ଶୋଷ କିନ୍ତୁ ମେଣ୍ଟାଏ ସେ ସଭିଙ୍କ ଆଖିରୁ
ଏଇ ବାଉଁଶରାଣୀ ।

♥ ନୂଆପଡା
(ମୋ) ୯୯୩୭୪୧୬୯୧୭

## କହି ହେଇନାହିଁ ଯାହା...

### ସୈରିନ୍ଧ୍ରୀ ସାହୁ



ନିଜ ଭିତରେ ମୁଁ ନିଜକୁ ସାଇତି
ନିଜେ ହଜେ ନିଜେ ମଜେ
ନିଶୂନ ରାତିର ବାସି ବିଛଣାରେ
ସପନକୁ ଭାରି ଖୋଜେ।
ସପନ ତ ଏବେ ଗୋପ ନଗରୀରେ
କରିଛି ତାଆରି ଘର
ଫୁଲ ଫଗୁଣର କୁହୁକ ମାୟାରେ
କରି ମୋତେ ସାତପର ।_♥

## ନିଳାଦ୍ରି ବିଜୟ

### ବାବାଜୀ ଚରଣ ଜେନା



କଳା ସାଆନ୍ତ ହେ କେମିତି ଭୁଲିଲ
ସିନ୍ଧୁ ସୁତା ମହାଲକ୍ଷ୍ମୀଙ୍କୁ
ଜନ୍ମବେଦୀ ଗଲ ନଅଦିନ ପାଇଁ
ଘେନି ଭାଇ ଭଉଣୀଙ୍କୁ
ବଡଘର ବଡ ଗୁମର କଥାକୁ
କହିବିମୁଁ କୁହ କାହାକୁ ...।

ଶୂନ୍ୟ ଲାଗେ ପ୍ରଭୁ ଶ୍ରୀମନ୍ଦିର ଆଜି
କେମିତି ସହିବି କୁହ
ମନ କଥା ପରା ବୁଝିପାର ତୁମେ
ଅନ୍ତର୍ଯ୍ୟାମୀ ଦୟାମୟ
ହେରାପଞ୍ଚମୀ ରେ ଦର୍ଶନ ନ ପାଇ
ଭାଙ୍ଗିଲି ମୁଁ ନନ୍ଦିଘୋଷକୁ
ହଟିଆ ଠାକୁର ହଟ କରୁଅଛ
ଜାଣି ଶୁଣି ନାରୀ ମନକୁ ...।

ବଡଦାଣ୍ଡେ ରହି ସୁନାବେଶ ହୋଇ
ଭକ୍ତଙ୍କୁ ଦର୍ଶନ ଦେଲ
କଳମ ଶାଗକୁ ଖାଇ ମୁଁ ରହିଛି
ଭାବ ଥରେ ଦାମୋଦର
ନିଳାଦ୍ରି ବିଜୟେ ରସଗଲା ଦେଇ
ଭୁଲାଉଛ ମୋର ମନକୁ
ଭାଇଙ୍କ କଥାକୁ ରଖିହେ ମଣିମା
ଖୋଲୁ ଆଛି ସିଂହ ଦ୍ୱାରକୁ ... ।୨।

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

## ସମର୍ପି ଦେଲି : ଶ୍ରୀ ସତ୍ୟବ୍ରତ ସାହୁ



ମୁଁ ଯେ ଶ୍ରାବଣର ଆକାଶରେ ଦିନେ ମେଘ ହୋଇ ବୁଲୁଥିଲି,
ମାଟିର ପୀରତି ଇଶାରାକୁ ପାଇ ବର୍ଷା ହୋଇ ଝରିଗଲି ।

ଶୁଖା ମଞ୍ଜି ମୁଖେ ହସ ଭରିଗଲା ଚାହିଁଲେ ଫିଟାଇ ଆଖି
ଧରା ପ୍ରସବିଲା ସବୁଜ ବନାନୀ ସୂରୁଜକୁ ସାକ୍ଷୀ ରଖି
ଆତୁର ଧରଣୀ ଭରା କୋଳ ଦେଖି ନିଜକୁ ବି ଭୁଲିଗଲି ।
ମୁଁ ଯେ ଶ୍ରାବଣର ଆକାଶରେ....

ଗୁମାନୀ ପ୍ରିୟାର ତୋଡ଼ ଭାଙ୍ଗିବାକୁ ଝଡ଼ର ସାହାରା ନେଲେ
ମୋତେ ପଛ କରି ନବଜାତକକୁ ଭିଡ଼ି ଧରେ ନିଜ କୋଳେ
ସନ୍ତାନ ପ୍ରେମର ପାଗଳିନୀ ପାଶେ ନିଜକୁ ସମର୍ପି ଦେଲି ।
ମୁଁ ଯେ ଶ୍ରାବଣର ଆକାଶରେ....

♥ ପଲ୍ଲୀସାହି, କମାଳପୁର,
ଅହିୟାସ , ଯାଜପୁର- ୭୫୫୦୩୬
ମୋ-୮୯୧୭୨୭୩୫୪୫

# ପ୍ରତ୍ୟେକ ସୃଷ୍ଟିରେ ଭାଷା ଓ ସମାଜର ହିତ ସାଧନ ପାଇଁ କିଛି ବାର୍ତ୍ତା ରହୁ : ସୁନନ୍ଦା ବି ମହାପାତ୍ର

**ସୁନନ୍ଦା ବି ମହାପାତ୍ର ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଅସରନ୍ତି ଜୀବନର ଟୋପା ଟୋପା ଅନ୍ଧାର ଭିତରେ ତାଙ୍କ କବିତା ଓ ଗପର ମୋତିମାନେ ଦିଶନ୍ତି ଗୋଟିକିଆ ତାରା ପରି ବେଶ୍ ସ୍ୱଷ୍ଟ ଓ ଉଜ୍ଜ୍ୱଳ । କଳ୍ପନା ନୁହେଁ, ଅନୁଭବର କଥା କହିଥାଏ ତାଙ୍କର ଲେଖନୀ । 'ଲେଖାରେ ଶବ୍ଦ ଓ ଭାଷାର ଗାମ୍ଭୀର୍ଯ୍ୟ ଏତେ ବି ଭାରି ହେଇ ନ'ଯାଉ, ଯାହାର ବୋଝକୁ ସମ୍ଭାଳି ନପାରି ପାଠକଟିଏ ଅନିଚ୍ଛାସତ୍ତ୍ୱେ ଅଣଦେଖା କରି ଆଡ଼େଇଯିବ !' ବୋଲି କହୁଥିବା ଲେଖିକାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ଏ ମାଟିର ମଣିଷ କବିତାରେ କଥାକୁହେ । ତୁଣ୍ଡ ଫିଟିଲେ ଝରି ଆସେ କବିତା ! ବଡ଼ି ଭୋରରୁ ହଳିଆ ତୁଣ୍ଡର 'ରାମ ଯେ ଲଇକ୍ଷଣ ହୋ...,' 'ହେ ବନଗିରି ହେ ଲତାଗିରି, ମୋ' କାନ୍ତ ଗଲେ ମୃଗ ମାରି...,' ମା' କଣ୍ଠର 'ଧୋ'ରେ ବାଇଆ ଧୋ...', 'ଆ' ଜହ୍ନମାମୁଁ ଶରଦ ଶଶୀ', 'ବାଇ ଚଢ଼େଇରେ ବାଇ ଚଢ଼େଇ...' । ପଣ୍ଡିତ ନନାଙ୍କ ମୁହଁରେ 'ଜବା କୁସୁମ ସଂକାସଂ କାଶ୍ୟପେୟଂ ମହାଦ୍ୟୁତିମ୍...' ଶ୍ଳୋକ । କୁଆଁରୀଝିଅର କାନ୍ଦଣା । ଗାଁ' ମଣିଷଙ୍କ ମୁହଁରୁ ବାହାରି ଆସୁଥିବା ନାନା ଢଗଢମାଳି । ସବୁ ତ କବିତା...କେବଳ କବିତା...! କବିତାମନସ୍କ ମଣିଷର ସ୍ନାୟୁରେ ସ୍ପନ୍ଦନ ଯେତେ, କବିତାରେ ଗୁଞ୍ଜରଣ ସେତେ । ହୃଦୟ ପେଡ଼ିରେ ସାଇତା ଆବେଗ, ଜୀବନ ଜଞ୍ଜାଳର ଅସରନ୍ତି କଥା, ଲହୁଲୁହ ସବୁ ଜୀବନ୍ୟାସ ନିଅନ୍ତି ତା' ଲେଖନୀ ମୁନରେ । ଭାବ ହୋଇ ଛୁଇଁଯାଆନ୍ତି ଭୂମିରୁ ଭୂମାଯାଏ । ଗୋଳି ହୋଇଯାଆନ୍ତି ପାଣିରେ, ପବନରେ ଇଥର୍‌ରେ, ନିଶ୍ୱାସରେ । ଆବେଗ ସବୁ ବସାବାନ୍ଧି ଅନନ୍ତକାଳ ଯାଏ ରହିଯାଆନ୍ତି ଦରଦୀ ହୃଦୟରେ । ହୃଦୟ ଭିତରେ ଆବେଗଟିଏ ସୃଷ୍ଟି ହେବା ମାତ୍ରେ ପ୍ରକାଶ ନପାଇବା ଯାଏ କବିଟିକୁ ଅହରହ ଛଟପଟ କରେ । ଏ ଚାପରୁ ନିଜକୁ ମୁକ୍ତକରି ନ ପାରିଲେ ଲାଗେ, ଯେମିତି ଏଇ ଶ୍ୱାସରୁଦ୍ଧ ହେଇଯିବ ! ତେଣୁ ଏ ମାନସିକ ପୀଡ଼ନରୁ ନିଷ୍କୃତି ପାଇଁ ସେ କବିତାର ସାହାରା ନିଏ । ଦୁଃଖକୁ ଭୁଲିବାର ଏହାହିଁ ଏକମାତ୍ର ବିକଳ୍ପ ପାଲଟିଯାଏ କବିଟିଏ ପାଇଁ ! ଆଦ୍ୟ ଜୀବନର କଥା - ସାନ ଥିଲାବେଳେ ଆଜି ପରି ଏତେ କଥା କହୁନଥିଲି । ଖୁବ୍ ଚୁପ୍ ଚାପ୍ ଓ ଗମ୍ଭୀର ସ୍ୱଭାବର ଥିଲି । ନିଜ ମନର ଯାବତୀୟ ଭାବ, ଆବେଗ, ଅନୁଭବ, ଅଳି-ଆପତ୍ତି ଅଭିଯୋଗ, ବିଦ୍ରୋହ ସବୁକୁ ପ୍ରକାଶ କରି ନ'ପାରି ଖୁବ୍ ଛଟପଟ ହେଉଥିଲି । ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ମୋ' ଟିୟୁସନ୍ ସାର୍ ଗୋଟେ ଖାତାରେ କ'ଣ ସବୁ ଲେଖୁଥିବାର ଲକ୍ଷ୍ୟ କରିଥିଲି । ସାର୍ ନଥିଲା ବେଳେ ଖାତାଟିକୁ ଲୁଚେଇ ଲୁଚେଇ ପଢ଼ିବାକୁ ଲାଗିଲି । ଯେତିକି ବୁଝିଲି ନିଜ ମନକଥାକୁ ଗୀତ ଏବଂ କଥା ଆକାରରେ ଲେଖିଛନ୍ତି ସେଥିରେ । ସେବେଠୁ ମୋ' ଭିତରେ କିଛି ଲେଖିବାର ଅହେତୁକ ଇଚ୍ଛାଟିଏ ଅଙ୍କୁରିତ ହେବାକୁ ଲାଗିଲା । ଭାବିଲି, କହି ନ ପାରିଲେ କ'ଣ ହେଲା, ଏମିତି ସବୁ ଲେଖି ପକେଇବି । ହେଲେ ଭୟ ଲାଗୁଥାଏ ଯଦି ଧରା ପଡ଼ିଯିବି, ପରବର୍ତ୍ତୀ ପରିସ୍ଥିତି କେଉଁ ରୂପ ନେବ ! ଏମିତି ଏକ ମାନସିକ ଅସ୍ଥିରତା ଓ ଦ୍ୱନ୍ଦ୍ୱରେ କଟିଗଲା କିଛିବର୍ଷ । ପରେ ନଦୀ, ପର୍ବତ, ଗଛ, ଫୁଲ, ତାରା, ଜହ୍ନପାଇଁ ପଦେ ପଦେ ଲେଖା ଆରମ୍ଭ କଲି ସିନା, ମନ ଭିତରର କଥାସବୁ ଭୟ ଓ ସଙ୍କୋଚର ପଥର ତଳେ ଚାପିହେଇ ଯାଉଥାଏ । ଏହାପରେ ମୋ'ର ପ୍ରଥମ ଲମ୍ବା କବିତା 'ମୋ ଗାଁ ରେ ସଞ୍ଜ' ଲେଖିଲି ନବମ ଶ୍ରେଣୀରେ । ସେବେଠୁ କବିତାର ଯାତ୍ରା ଜାରି ରହିଛି ଆଜିଯାଏ । ସମୟ ସ୍ରୋତର ପ୍ରତିକୂଳରେ ଲେଖନୀ ମୋ'ର ଶିଥିଳ ହେଇ ଯାଇଥିଲେ ବି ସମ୍ପୂର୍ଣ୍ଣ ଦୂରେଇ ନଥିଲି ଲେଖାଲେଖି ଦୁନିଆରୁ । କଲେଜରେ ପଢ଼ିଲାପରେ କବିତା ଲେଖିବା ସହିତ ଗଳ୍ପ ଲେଖିବା ମଧ୍ୟ ଆରମ୍ଭ କରିଥିଲି ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋ' ବୋଉ ହିଁ ମୋର ପ୍ରେରଣା ଥିଲା । ମୋ' ଲେଖା ଦେଖି ଖୁସି ହେଉଥିଲେ ବି ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାର ଭୟରେ ବାରଣ କରୁଥିଲା । ମୁଁ କିନ୍ତୁ ସୁଯୋଗ ପାଇଲେ ବାପାଙ୍କ ବହିଥାକ ଓ ବୋଉର ବାକ୍ସରୁ ଲୁଚେଇ ଲୁଚେଇ ଗଳ୍ପ, ଉପନ୍ୟାସ ଏବଂ ପତ୍ରିକାସବୁ ପଢୁଥିଲି । ସେଇ ଲେଖାସବୁ ହିଁ ଥିଲେ ମୋ' ଆଦ୍ୟ ଜୀବନର ଗୁରୁ । ଏବଂ ସବୁଠୁ ଅଧିକ ଶ୍ରେୟ ଦେବି ମୋ'ର ସେହି ଟିଉସନ୍ ସାର୍‌ଙ୍କୁ ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?**

■■ ଆଇ.ଏ. ପଢ଼ିଲା ବେଳେ କଲେଜ ପତ୍ରିକାରେ ପ୍ରକାଶିତ ହୋଇଥିଲା ମୋ'ର ପ୍ରଥମ କବିତା 'ପାଦେ ପାଦେ ମା' ଗୋ ସାହା ହେଉଥିବୁ' । ନିଜକୁ ପତ୍ରିକାର ପୃଷ୍ଠାରେ ଦେଖି ଅତ୍ୟନ୍ତ ପୁଲକିତ ହୋଇଥିଲି । ବିବାହପରେ ଘରର ଜଞ୍ଜାଳ ଏବଂ ଚାକିରୀ ଜୀବନ ଭିତରେ ଲେଖିବା ପରି ସୂକ୍ଷ୍ମ କଳାଟି କେତେବେଳେ ନିରବିଗଲା ଜାଣି ପାରିଲିନି । ସତ କହିବାକୁ ଗଲେ ଫେସବୁକ୍‌କୁ କୋଟି ଧନ୍ୟବାଦ ଦେବି ଯେଉଁଠି ମୁଁ ନିଜକୁ ପୁଣି ଆବିଷ୍କାର କଲି । ଏଥିପାଇଁ ଅଜସ୍ର ଶ୍ରଦ୍ଧା ଓ ପ୍ରେରଣା ପାଇଛି ଫେସବୁକ୍‌ରେ ଥିବା ଅଗଣିତ ଶୁଭେଚ୍ଛୁ,ଗଭୀର ଭଲପାଉଥିବା ପାଠକ-ପାଠିକାଙ୍କ ଠାରୁ । ସେମାନଙ୍କ ପାଖରେ ଚିର କୃତଜ୍ଞ ମୁଁ । ପରିବାରରେ ସ୍ୱାମୀଙ୍କର ନୀରବ ପ୍ରେରଣା ରହିଥିଲା । ଶଶୁର ମଧ୍ୟ ଖୁବ୍ ଖୁସି ହେଉଥିଲେ । ତେବେ ସବୁଠୁ ଅଧିକ ଉତ୍ସାହ ଓ ପ୍ରେରଣା ପାଇଛି ମୋ'ର ଏକମାତ୍ର ପୁତ୍ର ଏବଂ ପୁତ୍ରବଧୂଙ୍କ ଠାରୁ ।



ସୁନନ୍ଦା ବି ମହାପାତ୍ରଙ୍କ ଅନ୍ୟତମ ପ୍ରେରଣା : ପୁତ୍ର ଓ ପୁତ୍ରବଧୂ...

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ଓଡ଼ିଆ ସାହିତ୍ୟର ସ୍ଥିତି ବିଷୟରେ ଆଶାବାଦୀ ତ ନିଶ୍ଚୟ । ପ୍ରତ୍ୟେକଦିନ ଅନେକ ନବାଗତ ଲେଖକ ଲେଖିକାଙ୍କର ଯୋଗଦାନ ପରିଲକ୍ଷିତ ହେଉଛି । ଚମତ୍କାର ପ୍ରତିଭା ସବୁ । ତେବେ ଚାରାଟିଏ ଦ୍ରୁମ ହେବାପାଇଁ ଉପଯୁକ୍ତ ପାଣି, ପବନ, ଯତ୍ନ ଦରକାର । ସେସବୁ କାହିଁ ? ନା ପ୍ରେରଣା ନା ପ୍ରୋତ୍ସାହନ ! ଏଠି ଆପେ ବଞ୍ଚିଲେ ବାପର ନାଁ । 'ଜୋର୍ ଯାହାର ମୁଲକ ତାହାର' ନୀତିରେ ଚାଲିଛି ସାହିତ୍ୟ ସାମ୍ରାଜ୍ୟ । ତେବେ ସାଧାରଣ ଲୋକଙ୍କ ରୁଚିକୁ ଦୃଷ୍ଟିରେ ରଖି ଉତ୍ତମ ମାନର ଲେଖା ସହିତ ଲେଖାର ପ୍ରଚାର ପ୍ରସାର ଦିଗରେ ପ୍ରଚେଷ୍ଟା ରହିଲେ ଏହା ସମ୍ଭବ ବୋଲି ମୋ'ର ମନେ ହୁଏ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**


■■ ଏକଥା କିଛି ପରିମାଣରେ ସତ୍ୟ ନିଶ୍ଚିତ । ଅନେକ କାରଣ ଯୋଗୁଁ ଭାଷା ପ୍ରତି ଲୋକଙ୍କର ଆଗ୍ରହ ଧୀରେ ଧୀରେ କମି ଯାଉଛି । ଭାଷାକୁ ବଞ୍ଚେଇ ରଖିବାରେ ଲେଖକର ଅବଦାନ ଏବଂ କର୍ତ୍ତବ୍ୟ ଯୁଗେ ଯୁଗେ ରହିଛି । ଅଥଚ ବର୍ତ୍ତମାନ ପରିପ୍ରେକ୍ଷୀରେ ସାହିତ୍ୟିକମାନଙ୍କ ମଧ୍ୟରେ ଏକତାର ଘୋର ଅଭାବ । ପରସ୍ପର ଭିତରେ ଗୋଡ଼ଟଣା ନୀତି, ବୈମାତୃକ ମନୋଭାବ ଇତ୍ୟାଦି ନାନା ରୁଗ୍ଣ ମାନସିକତାରେ ଭରପୁର ମସ୍ତିଷ୍କ ଯୋଗୁଁ ଅନେକ ପ୍ରତିଭା ଅନ୍ଧାରରେ । ଏମାନଙ୍କୁ ଯେଉଁ ପ୍ରକାର ଅଣଦେଖା, ଅବହେଳା କରାଯାଇଛି ବା ଯାଉଛି ଦେଖିଲେ ଭୀଷଣ କଷ୍ଟହୁଏ । ଅଖଣ୍ଡତା ହରାଇ ସାହିତ୍ୟ ଏବେ ନାନା ଗୋଷ୍ଠୀରେ ବିଭକ୍ତ । ବାକି ବିଶିଷ୍ଟ,ବରିଷ୍ଠ ମୁଣ୍ଡିଆଳ ମାନେ ନିଜ ଚଉକୀ ସମ୍ଭାଳିବାରେ ବ୍ୟସ୍ତ । ସୋସିଆଲ ମିଡ଼ିଆର ବହୁଳ ବ୍ୟବହାର ମଧ୍ୟ ସାହିତ୍ୟ ଉପରେ କୁପ୍ରଭାବ ପକାଉଛି । ବର୍ତ୍ତମାନ ସମୟରେ ଅସଂଖ୍ୟ ପୁସ୍ତକ ପ୍ରକାଶ ପାଇଲେ ମଧ ପାଠକ ସଂଖ୍ୟା କମ୍ । ତେବେ ଲେଖକଟିଏ ହତୋତ୍ସାହ ନହୋଇ ମାତୃଭାଷାର ଉନ୍ନତି ପାଇଁ ଲେଖା ଜାରିରଖୁ । ପ୍ରତ୍ୟେକ ଲେଖାର ମାନ ଉପରେ ବିଚାର କରାଯାଉ । ଦକ୍ଷ ସାହିତ୍ୟିକଙ୍କ ଦ୍ୱାରା ନିରପେକ୍ଷ ସମୀକ୍ଷା ସହ ଲେଖିବାର ଶୈଳୀ ଏବଂ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଉ । ଚିହ୍ନଟ କରି ଲେଖକ ପରିଚିତି ଓ ସ୍ୱୀକୃତିଟିଏ ମିଳୁ । ଅସହିଷ୍ଣୁତା, ଗୋଷ୍ଠୀବାଦ ସାହିତ୍ୟର ପ୍ରଧାନ ଶତ୍ରୁ । ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ଅଭିନବ କାର୍ଯ୍ୟକ୍ରମ ତଥା ବିଭିନ୍ନ ପ୍ରତିଯୋଗିତା କରି ସାହିତ୍ୟିକମାନଙ୍କୁ ଉତ୍ସାହିତ କରାଯାଉ । କନିଷ୍ଠମାନେ ବରିଷ୍ଠଙ୍କୁ ଶ୍ରଦ୍ଧା, ସମ୍ମାନ ସହ ଅନୁସରଣ କରନ୍ତୁ ଏବଂ ବରିଷ୍ଠମାନେ କନିଷ୍ଠଙ୍କ ପ୍ରତି ସହନଶୀଳ ହୋଇ ପଥ ପ୍ରଦର୍ଶକ ହୁଅନ୍ତୁ । ସାହିତ୍ୟିକ ମାନେ ପରସ୍ପର ମଧ୍ୟରେ ଏକତା ଏବଂ ସହନଶୀଳତାକୁ ମାଧ୍ୟମ କରି ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କଲେ ହୁଏତ ଏଥିରୁ ମୁକ୍ତି ପାଇହେବ । ଭାଷା ପ୍ରତି ବିମୁଖ ହେବା ବା ରହିବାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଇଂରାଜୀ ଭାଷାକୁ ଅତ୍ୟଧିକ ଗୁରୁତ୍ୱ ଦେବା ଏବଂ ଆପଣେଇବା । ଏହାଦ୍ୱାରା ମାତୃଭାଷା ପ୍ରତି ଆଗ୍ରହ ରହୁନାହିଁ । ପାଠକ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି । ସର୍ବ ଭାରତୀୟ ପରୀକ୍ଷା ଏବଂ ବିଦେଶ ଯିବାପାଇଁ ଇଂରାଜୀ ଭାଷା ଜାଣିବା ନିହାତି ଜରୁରୀ । ଏହାର ମାନେ ନୁହେଁ ଯେ ନିଜ ଭାଷାପ୍ରତି ଉଦାସୀନ ହେବା, ନ୍ୟୂନ ଭାବି ଦୂରେଇଯିବା । ବିଶେଷକରି ଏଥିପାଇଁ ଆମ ପାଠ୍ୟ ଖସଡ଼ା ଦାୟୀ । ସରକାର ଦାୟୀ । ଏଠି ପିଲାଙ୍କର'ବା ଦୋଷ କ'ଣ ? ସମସ୍ତେ ସମୟ ଓ ଯୁଗ ସହ ତାଳଦେଇ ଧାଇଁଛନ୍ତି । ଇଂରାଜୀ ମାଧ୍ୟମର ପିଲାମାନେ ଶ୍ରେଣୀରେ ଇଂରାଜୀ ପଢ଼ନ୍ତି, ଲେଖନ୍ତି, କୁହନ୍ତି । ଓଡ଼ିଆକୁ ଥାର୍ଡ ଲାଙ୍ଗୁଏଜ୍ ଭାବି ଅଣଦେଖା କରନ୍ତି । ଅଧିକାଂଶ ଘରେ ହିନ୍ଦୀରେ କଥାବାର୍ତ୍ତା କରନ୍ତି । ବାପା-ମା ବି ଗୌରବ ବୋଲି ଭାବନ୍ତି । ଅଭିଭାବକ ମାନେ ଏହାପ୍ରତି ସଜାଗ ରହିବା ନିହାତି ଆବଶ୍ୟକ । ଘରେ, ବାହାରେ ଏବଂ ସରକାରୀ କ୍ଷେତ୍ରରେ ତଥା ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା ବ୍ୟବହାର ନିହାତି ଜରୁରୀ ।



■ **ଅଳ୍ପରେ ସୁନନ୍ଦା ବି ମହାପାତ୍ର**

ସ୍ୱାମୀ - ଶ୍ରୀ ସୁକାନ୍ତ ମହାପାତ୍ର
ଜନ୍ମ ତାରିଖ - ୧୫ ଡିସେମ୍ବର, ୧୯୬୩
ଜନ୍ମ ସ୍ଥାନ - ରାଉରକେଲା
ବର୍ତ୍ତମାନର ଠିକଣା-
ପ୍ଲଟ ନଂ- ୧୫/୨୫୧୫
ମାର୍ଫତ: ସାଇ ଅମ୍ରିତା ପାର୍ଲର
ଖାରବେଳ ପାର୍କ ପାଖ
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୭୦୦୮୫୧୩୯୧୩

**ପ୍ରକାଶିତ ପୁସ୍ତକ (ଗଳ୍ପ)**
୧- 'ଝଞ୍ଜାବର୍ତ୍ତ'



ପ୍ରାଣପ୍ରିୟ ପତିଦେବଙ୍କ ସହ ଲେଖିକା ସୁନନ୍ଦା ବି ମହାପାତ୍ର...

■ **ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ହଁ, ଏ ଦୀର୍ଘ ଯାତ୍ରା ଭିତରେ ଗୋଟାଏ ବିଶେଷ ଉପଲବ୍ଧି ହେଇଛି ଯେ, ଲେଖା ମାଧ୍ୟମରେ ଆମେ ଯାହା କହିବାକୁ ବା ଦେଖେଇବାକୁ ଚାହାଁନ୍ତି, ତାହାର ଭାବ ଅନ୍ୟକୁ କେତେ ଛୁଏଁ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଲେଖାଟେ ଯଦି ପାଠକର ମନକୁ ଆନ୍ଦୋଳିତ ନକଲା, ଭାବରେ ଭିଜେଇ ନ'ପାରିଲା, କିଛିକ୍ଷଣ ଯଦି ସେଇଠି ତା'କୁ ଅଟକେଇ ନ ପାରିଲା, କିଛି ଭାବିବାକୁ ବାଧ କରି ନ'ପାରିଲା, ତେବେ ତାହା କେବେ ବି ସାର୍ଥକ ସୃଷ୍ଟି ନୁହେଁ । ଖେଞ୍ଚାଖେଞ୍ଚି କରି ଗୁଡ଼ାଏ କ୍ଲିଷ୍ଟ ଶବ୍ଦ ପୂରେଇ ଦେଲେ କବିତା ହେଇଯାଏନି । କ୍ଲିଷ୍ଟ ଶବ୍ଦର ଅର୍ଥ ହୁଏତ ଅଭିଧାନରୁ ମିଳିଯିବ । କିନ୍ତୁ ଭାବ ଯଦି ପ୍ରାଣକୁ ସ୍ପର୍ଶ କରି ନପାରିଲା, ସେ କବିତାକୁ ଗୋଟେ ପ୍ରାଣହୀନ ଶରୀର ବୋଲି ଭାବିବାକୁ ହେବ । ଯୁଗର ରୁଚି, ସାମ୍ପ୍ରତିକ ଅବସ୍ଥା, ଚଳଣି ଅନୁଯାୟୀ ପ୍ରତି ଯୁଗରେ କବିତା ତା'ର ଶୈଳୀ ବଦଳାଏ । କବି, ଲେଖକ ମାନେ ସମକାଳୀନ ହେବାକୁ ଚାହାଁନ୍ତି । ତେଣୁ ଭିନ୍ନ ଭିନ୍ନ ସ୍ୱାଦ ଓ ଶୈଳୀର ସ୍ୱର ପରିଲକ୍ଷିତ ହୁଏ । ତେବେ ଗଳ୍ପ ହେଉ କି କବିତା ସେଇମିତି ଲେଖିବା ଉଚିତ, ଯେମିତି ସବୁ ବର୍ଗ ଏବଂ ଶ୍ରେଣୀର ପାଠକଙ୍କୁ ସହଜରେ ଛୁଇଁବ । ନିଜର ପାଣ୍ଡିତ୍ୟ ପ୍ରମାଣ କରିବା ଅପେକ୍ଷା ଦେଉଥିବା ବାର୍ତ୍ତା ପାଠକଙ୍କୁ ଆପଣାର ଲାଗୁ । ଲେଖାରେ ଶବ୍ଦ ଓ ଭାଷାର ଗାମ୍ଭୀର୍ଯ୍ୟ ଏତେ ଭାରି ହେଇ ନ'ଯାଉ, ଯାହାର ବୋଝକୁ ସମ୍ଭାଳି ନପାରି ପାଠକଟିଏ ଅନିଚ୍ଛାସତ୍ତ୍ୱେ ଅଣଦେଖା କରି ଆଡ଼େଇଯିବ ! ସାହିତ୍ୟ ସମାଜର ଦର୍ପଣ - ତେଣୁ ଲେଖା ଜଣଙ୍କର ମାନସିକତା ନିଶ୍ଚିତ ବଦଳାଇ ପାରେ । ଶହ ଶହ ବର୍ଷ ତଳର କୃତି ରାମାୟଣ, ମହାଭାରତ, ଭାଗବତ ତଥା ବିଭିନ୍ନ କାବ୍ୟକବିତା, ଗଳ୍ପ, ଉପନ୍ୟାସ ସମାଜ ଉପରେ କମ୍ ପ୍ରଭାବ ପକାଇ/ପକାଉ ନାହିଁ ।

■ **ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଆଶାକୁ ନେଇ ମଣିଷ ବଞ୍ଚେ । ଆଶାକୁ ଛାଡ଼ି ଜୀବନ କାହିଁ ! ଓଡ଼ିଆ ଭାଷାସାହିତ୍ୟ କ୍ଷେତ୍ରକୁ ଯୁବପିଢ଼ିଙ୍କ ଆଗମନ, ସରକାରୀ କ୍ଷେତ୍ରରେ ଓଡ଼ିଆ ଅସ୍ମିତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଡିଜିଟାଲ ମାଧ୍ୟମରେ ଓଡ଼ିଆ ଭାଷାର ପରିପ୍ରକାଶ ଇତ୍ୟାଦି ଭାଷା ପାଇଁ ଶୁଭଙ୍କର ନିଶ୍ଚିତ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାରର ଗୁରୁତ୍ୱ ନିଶ୍ଚିତ ରହିଛି । ଲେଖକଟିଏ ପାଇଁ ଏହା ଏକ ଆହ୍ୱାନ । ଏକ ପ୍ରେରଣା । ବର୍ଷ ବର୍ଷ ଧରି ସାଧନା କରି ଆସୁଥିବା ପ୍ରକୃତ ସାହିତ୍ୟିକମାନଙ୍କୁ ଯଦି ଅଣଦେଖା କରାଯାଏ, ସେମାନଙ୍କ ମନରେ ଦୁଃଖ ଏବଂ କ୍ଷୋଭ ଆସିବା ସ୍ୱାଭାବିକ । ଯୋଗ୍ୟତା ଥାଇ ମଧ କୌଣସି ପ୍ରକାର ପ୍ରୋତ୍ସାହନ ନଥିବାରୁ କେହି କେହି ନୀରବି ଯାଇ କଲମ ଛାଡ଼ି ଦେଲେଣି ତ କେହି କର୍ମ ଏବଂ ଭାଗ୍ୟକୁ ଆଦରି ଲେଖା ଜାରି ରଖିଛନ୍ତି । ଆଦର, ସମ୍ମାନ, ପରିଚିତି ନମିଳିଲେ ସ୍ପୃହା ମରିଯାଏ । ଓଡ଼ିଆ ସାହିତ୍ୟର ଅବସ୍ଥା ଆଜି ଏହିପରି । ତେଣୁ ଯୋଗ୍ୟ ଲେଖା ପୁରସ୍କାର ପାଇବା ଉଚିତ୍ । ଅଯୋଗ୍ୟ ଲେଖା ପୁରସ୍କାର ପାଇବା ସାହିତ୍ୟ ପାଇଁ ମଙ୍ଗଳପ୍ରଦ ନୁହେଁ । ତେବେ ଲେଖକଟିଏ ପୁରସ୍କାର ଆଶାରେ ନ ଲେଖୁ । ଲେଖନୀ ଯେଉଁ ଦିଗରେ ଚଳାନ୍ତୁ, ଶୁଦ୍ଧ ଶବ୍ଦ ଓ ଭାଷା ସହିତ ଲେଖାର ମାନ ବଜାୟ ରଖନ୍ତୁ । ପ୍ରତ୍ୟେକ ସୃଷ୍ଟିରେ ଭାଷା ଓ ସମାଜର ହିତ ସାଧନ ପାଇଁ କିଛି ବାର୍ତ୍ତା ରହୁ । ସବୁଠୁ ପ୍ରଥମ ଏବଂ ପ୍ରଧାନ କଥା ହେଉଛି ମାତୃଭାଷା ପ୍ରତି ହୃଦୟରୁ ଆନ୍ତରିକ ଶ୍ରଦ୍ଧା, ସମ୍ମାନ ଓ ସଦ୍ଭାବନା ଅତୁଟ ରହୁ । ♥♥



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

## ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

### ଭାଗ-୩୨

ଦୁଇବର୍ଷ ତଳୁ ଲୁସିକୁ ସଂପୂର୍ଣ୍ଣ ଭୁଲିଯିବା ପର ଠାରୁ ଯେଉଁ ମାନସିକ ବିଲକ୍ଷଣର ସାମାନ୍ୟତମ ସ୍ପର୍ଶ ନଥିଲା ତା' ଭିତରେ, ଏବେ ସେଇଟାର ଆବିର୍ଭାବ ଘଟି ତାକୁ ଅସ୍ଥିର କରି ଦେଉଛି। ଯେଉଁ ଅନ୍ତଃସତ୍ତାକୁ ସଂପୂର୍ଣ୍ଣ ଆବୋରି ବସିଥିଲା କାଳିଆଠାକୁର, ସେଥିରୁ କିଛି ଜାଗା ଦଖଲ କରି ନେଲାଣି ସେ।

ସତରେ ବଡ଼ ବିଚିତ୍ର ଏ ମଣିଷର ମନ। ସାଧୁସନ୍ଥ ସନ୍ନ୍ୟାସୀ ହୋଇଗଲେ, କ'ଣ ଏଇ ସବୁ ମାନସିକ ଭାବାବେଗରୁ ମୁକ୍ତି ମିଳେ? ପଚାରିଲା ସେ ରାଧିକାମାତାଙ୍କୁ- "କହି ପାରିବେ ମାତାଜୀ, ସାଧୁ, ସନ୍ଥ ଅଥବା ସନ୍ନ୍ୟାସୀମାନେ କ'ଣ ଈର୍ଷା ବିବର୍ଜିତ ?"

ଦଣ୍ଡେ ଭାବିବା ପରେ ରାଧିକା ମାତା କହିଥିଲେ - "ଅବଶ୍ୟ କେତେକାଂଶରେ"।

"ବୁଝି ପାରିଲି ନାହିଁ ମାତେ !"- ଜିଜ୍ଞାସୁ ହୋଇ ଚାହିଁ ରହିଲା ଜେନି ରାଧିକାମାତାଙ୍କୁ।

"ମାନବେତର ଜୀବମାନଙ୍କ ଭିତରେ ନଥାଏ ଈର୍ଷା, ଥାଏ ମନୁଷ୍ୟ ଭିତରେ। ସେ ଯେଉଁ ସ୍ତରରେ ହୋଇ ଥାଆନ୍ତୁ ନା କାହିଁକି। କିନ୍ତୁ ସନ୍ନ୍ୟାସୀ ଓ ସାଧୁସନ୍ଥମାନଙ୍କ ଭିତରେ ଏହାର ତୀବ୍ରତା ଅନେକାଂଶରେ କମ। କିନ୍ତୁ ସଂସାରୀଜନମାନଙ୍କ ଭିତରେ ତାହା ଅତ୍ୟନ୍ତ ତୀବ୍ର । ସନ୍ନ୍ୟାସୀ ଅଥବା ସାଧୁସନ୍ଥ ଦୀର୍ଘଦିନ ସାଧନାରତ ଥାଇ, ପରମାତ୍ମାଙ୍କ ଭାବରେ ମଜ୍ଜି ରହିଲେ, ତାହା ମନ ଭିତରୁ ଊଣା ପଡ଼େ। କିନ୍ତୁ ସଂପୂର୍ଣ୍ଣ ଲୋପପାଇଯାଏ ନାହିଁ। ଆଚ୍ଛା, ଏ କଥା କାହିଁକି ପଚାରିଲ ? ତୁମ ଭିତରେ ତାହାର ଛାୟା ପଡ଼ିଛି କି ? କିମ୍ବା ତୁମେ ତହିଁରେ ବୁଡ଼ି ରହିବାକୁ ଚାହୁଁଛ କି ?"- ପଚାରିଲେ ରାଧିକାମାତା।

ଜେନି ଆମୂଳଚୂଳ ଘଟଣାଟି ବର୍ଣ୍ଣନା କଲା ରାଧିକାମାତାଙ୍କ ସମ୍ମୁଖରେ। ସବୁ ଶୁଣିସାରି ରାଧିକାମାତା କହିଲେ - "ତୁମେ ପ୍ରଶାନ୍ତି ଓ ଆନନ୍ଦଙ୍କର ଦାମ୍ପତ୍ୟ ଜୀବନ ପ୍ରତି ଖୁବ୍ ବେଶି ଆକୃଷ୍ଟ ହୋଇପଡ଼ିଛ ଜେନି। ସେମିତି ଏକ ଜୀବନ ଜୀଇଁବାର ପ୍ରବଣତା ତୁମ ଭିତରେ ବଳବତ୍ତର ହୋଇ ରହିଛି, ଯାହା ସ୍ୱାଭାବିକ ଭାବେ ପ୍ରତି ନାରୀର କାମ୍ୟ। ସୁଖକର ଦାମ୍ପତ୍ୟ ଜୀବନ ସହିତ ସନ୍ତାନ ଜନ୍ମ ନାରୀ ଜୀବନକୁ ସାର୍ଥକତାର ଏକ ଚରମ ସୋପାନରେ ପହଞ୍ଚାଏ, ଯାହା ତୁମକୁ ଡେଭିଡ୍ ଦେଇନାହିଁ। ସେ ତୁମକୁ ପାପ ପଥରେ ନେଇ ଯାଇ ଅତଳସ୍ପର୍ଶୀ ଗହ୍ୱର ଭିତରକୁ ଠେଲି ଦେଇଛି, ଏକ ଅସ୍ୱାଭାବିକ ଭୋଗ ବାସନା ମାର୍ଗରେ ପରିଚାଳିତ କରିନେଇଛି ଏବଂ ଅବଶେଷରେ ଧୋକା ଦେଇଛି। ଏଣୁ ତୁମ ଭିତରର ଈର୍ଷା ଅମୂଳକ ନୁହେଁ, ବରଂ ସ୍ୱଭାବିକ୍।" ଟିକେ ରହି "ତୁମେ ଅଧିକ ଧ୍ୟାନ କର, ମନକୁ ଶୀତଳ ଓ ଶାନ୍ତ କରାଅ । ଆଉ ସେହି ଶାନ୍ତ ମନକୁ ଧୀରେଧୀରେ ଈର୍ଷା ଉପରେ ପ୍ରୟୋଗ କରି ତାକୁ ଧ୍ୱଂସ କରିଦେବାକୁ ଚେଷ୍ଟା କର। ତାହାଲେ ଯାଇ ସେଥିରୁ ମୁକୁଳି ପାରିବ। ନଚେତ୍ ସେ ତୁମ ଶରୀରକୁ ପୁନରାୟ ବିଗାଡ଼ି ଦେବାରେ ସହାୟକ ହେବ"।

ଜେନି ସ୍ତବ୍ଧ ହୋଇଗଲା ରାଧିକା ମାତାଙ୍କ ବ୍ୟାଖ୍ୟା ଶୁଣି । ନିଜ ଅନ୍ତରାତ୍ମାର ବାଣୀଗୁଡ଼ିକୁ ସେ କେମିତି ଜାଣି ପାରୁଛନ୍ତି ବୋଲି ଆଶ୍ଚର୍ଯ୍ୟ ହେଲା । ଏଣୁ ଚୁପ୍ ରହିଲା ।

ବାସ୍ତବିକ୍ ଲଣ୍ଡନ ନଗରୀ ଓ ପ୍ରେମିକ ସ୍ୱାମୀ ଡେଭିଡ୍ ତାକୁ ନର୍କକୁଣ୍ଡକୁ ଫୋପାଡ଼ି ଦେଇଥିଲା। ତହିଁରୁ ଯଦି ଆଜି ସେ ଉଦ୍ଧାର ପାଇଥାଏ, ତାହାଲେ ଏଇ ପବିତ୍ରଧାମରେ ଜଗତର ନାଥ ଜଗନ୍ନାଥଙ୍କୁ ପାଇ । ଏଥିପାଇଁ ପୁରୋଭାଗରେ ଯେ ଦଣ୍ଡାୟମାନ, ସେ ଆନନ୍ଦ।

ରାଧିକାମାତା କହିଲେ-" ଜେନି ! ନାରୀ ତା' ଜୀବନରେ ଦୁଇଟି ସ୍ଥାନରେ ନିଜର ସତ୍ତା ଭୁଲିଯାଏ । ପ୍ରଥମଟି 'ପୁରୁଷ' (ସେ ପ୍ରେମିକ ହୋଇଥାଉ ଅଥବା ସ୍ୱାମୀ) ଏବଂ ଦ୍ୱିତୀୟଟି ଈଶ୍ୱର । ଯିଏ ଯେତେ ପରିମାଣରେ ଆସକ୍ତ ପୁରୁଷ ପ୍ରେମରେ, ସିଏ ସେତିକି ପରିମାଣରେ ପାଗଳ ଈଶ୍ୱରଙ୍କ ଭକ୍ତିରେ । ମାନବୀୟ ଓ ଦୈହିକ ପ୍ରେମର ଏକ ମହତ୍ତର ସୋପାନ ହେଉଛି ବିଭୁପ୍ରେମ । ଉଭୟର ଭାବ ଏକା, କିନ୍ତୁ ଆବେଗ ଅଲଗା, ଯାହା ଅନିର୍ବଚନୀୟ । ତୁମେ ଏବେ ମାନବ ପ୍ରେମକୁ ଭୁଲିଯାଇ ବିଭୁ ପ୍ରେମରେ ଲୀନ ହୋଇଯାଅ । ବାକି ସଂସାରର ସବୁ ଆକର୍ଷଣ ଗୌଣ ମନେ ହେବ।"

ତଥାପି ଦ୍ୱନ୍ଦାତ୍ମକ ସ୍ଥିତିରେ ଗୋଟିଏ ସ୍ଥାନରେ ଅଟକିଗଲା ଜେନି। ଆନନ୍ଦ ଆହ୍ୱାନ କରିଛନ୍ତି ଯିବାକୁ, ଅନ୍ତରାତ୍ମାରୁ ନିମନ୍ତ୍ରଣ କରିଛନ୍ତି । ସେଠି ଉଭୟ ସତ୍ତାର ଯୁଗପତ୍ ଉପଲବ୍ଧି ଆସିବ। ମନ, ପ୍ରାଣ ଓ ହୃଦୟରେ। ଆନନ୍ଦ ଭିତରେ ଜଗନ୍ନାଥଙ୍କୁ ଆଉ ଜଗନ୍ନାଥଙ୍କ ଭିତରେ ଆନନ୍ଦକୁ ଅନୁଭବ କରିପାରିବ ସେ କେବଳ ନିତ୍ୟ ଦର୍ଶନରେ। ଆଉ ଅଧିକ ସାନ୍ନିଧ ଲୋଡ଼ା ନାହିଁ ତା'ର। ଏତଦ୍‌ଭିନ୍ନ ବନାନୀର ସେବା ଯତ୍ନରେ ଯଶୋଦା ପରି ମାତୃତ୍ୱର ସ୍ପର୍ଶ ପାଇ ପାରିବ, ଯାହା ଗୋପପୁରରେ ତା' ପାଇଁ ଥିଲା ଅନୁପଲବ୍ଧ।

ବିଛଣାରେ ଶୋଇ ଶୋଇ ଜେନି କଡ଼ ଲେଉଟାଇଲା। ତତକ୍ଷଣାତ୍ ଜେନିର ସ୍ମୃତିରେ ଝଲସି ଉଠିଲା ନିଜ ମା'ଙ୍କ ମମତାମୟୀ ରୂପ। ସେଦିନ ରାଧିକାମାତାଙ୍କ ସହିତ କଥୋପକଥନ ଥିଲା ଏହାର ସଂଯୋଗ ମାତ୍ର। ତେବେ ସେ ଏତେଦିନ ଧରି କିପରି ମନେ ପକେଇ ପାରୁ ନଥିଲା ମା'ଙ୍କୁ ? ଜେନି ଆଶ୍ଚର୍ଯ୍ୟ ହେଲା।

ସ୍ମୃତିର ଇଲାକାରେ ବେଙ୍ଗପରି ଡେଉଁଛି ତା ପିଲାବେଳ । ତା'ର ପ୍ରତି ମୁହୂର୍ତ୍ତକୁ ଜଗି ରହିଛି ମା' । ଦଣ୍ଡେ ଅନ୍ତର ହେବାକୁ ଦେଇନାହିଁ । ପ୍ରଥମ କରି ସ୍କୁଲ ଯିବା ଆରମ୍ଭ କରିଥିଲା ସେ । ଭାରି ଅସ୍ଥିର ଜଣା ପଡୁଥିଲା ମା' ସେଇ ସବୁଦିନ ଗୁଡ଼ିକରେ । ଭିନ୍ନ ଭିନ୍ନ କିସମର କପଡ଼ା କିଣି ଆଣି ଘରେ ବସି ତା'ପାଇଁ ଭଳିକି ଭଳି ଡିଜାଇନ୍‌ର ଫ୍ରକ୍ ବନଉ ଥିଲା । ଯତ୍ନରେ ଖୁଆଇ ପିଆଇ ନିଜେ କାର୍ ଚଳେଇ ତାକୁ ନେଇ ଛାଡ଼ି ଆସୁଥିଲା ସ୍କୁଲ୍‌ରେ । ସ୍କୁଲ୍ ଛୁଟି ପରେ ଆଉଥରେ ଯାଇ ନେଇ ଆସୁଥିଲା । ଛୁଟି ଓ ରବିବାରମାନଙ୍କରେ ସେ ବୁଲେଇ ନେଉଥିଲା କେତେ କେତେ ସ୍ଥାନକୁ। ନୂଆ ନୂଆ ଜିନିଷ ସବୁ ଦେଖଉଥିଲା । ହାଇସ୍କୁଲ୍‌କୁ ଯିବା ପର୍ଯ୍ୟନ୍ତ ସନ୍ଧ୍ୟାରେ ପାଖରେ ବସେଇ ପଢ଼ଉଥିଲା। ବାପା ସର୍ବଦା ବ୍ୟବସାୟ ନେଇ ବ୍ୟସ୍ତ ରହୁଥିଲେ। ଆଦୌ ସମୟ ଦେଇପାରୁନଥିଲେ ତାକୁ। ହାଇସ୍କୁଲ ବେଳକୁ ସେ ରହିଲା ବୋର୍ଡ଼ିଂରେ। ଏଲିଜାବେଥ୍ ଷ୍ଟ୍ରିଟ୍‌ର ପୂର୍ବ ଇଲାକାରେ ଥିଲା ସେହି ବୋର୍ଡ଼ିଂ ସଂଲଗ୍ନ ସ୍କୁଲଟି । ଲମ୍ବା ଛୁଟିଦିନ ଗୁଡ଼ିକରେ ସେ ଚାଲି ଆସୁଥିଲା ମା' ପାଖକୁ, ବେଳେବେଳେ ମା' ତାକୁ ନିଜେ ଯାଇ ନେଇ ଆସୁଥିଲା ଗାଡ଼ିରେ।

ପିଲାବେଳର ଏ ଅଲିଭା ସ୍ମୃତି ସାଇତା ହୋଇ ରହିଛି ହୃଦୟରେ କେଉଁ ଅନ୍ଧାରୀ କୋଣରେ, ଯାହା ଆଜି ଉଛୁଳି ପଡୁଛି ବର୍ଷାଦିନିଆ ନଈପରି।

ହଜିଗଲା ପିଲାବେଳ, ହଜିଗଲେ ମା'। ଆଉ ବାପା ବି ଦେଶାନ୍ତର ହୋଇଗଲେ। କେବଳ ଡେଭିଡ୍ ନୁହେଁ, ଡେଭିଡ୍ ପୂର୍ବରୁ ଅନ୍ୟ ସଂଗୀମାନେ ତାକୁ ପାପ ପଥରେ ଆଗେଇ ନେଇଥିଲେ। ଲଣ୍ଡନ୍ ତା'ପାଇଁ ପାପପଥର ଉଜାଣି ନଈଟିଏ ଯେମିତି।

ଜେନି କବାଟ ଖୋଲି ବାହାରକୁ ଆସିଲା, ସମଗ୍ର ମଠ ନୀରବ। ତଳ ମହଲାର ଅଗ୍ନିକୋଣରେ ଆଲୁଅ ଦିଶୁଛି। କବାଟ ମୁକୁଳା, ରୋଷଘର ବାରଣ୍ଡାରେ ଦୁଇଜଣ ରୋଷେୟା ଶୋଇଛନ୍ତି ମଶାରି ଟାଣି ଖଟ ଦୁଇଟିରେ। ଜେନିର ମୁଣ୍ଡ ଉପରେ ତୀର୍ଯ୍ୟକ ଭାବରେ ଦୃଶ୍ୟ ଡେଉଛି ଚେନାଏ ଆକାଶ। ଗୋଟିଗୋଟିକିଆ ତାରା କେତୋଟି ଧପ୍‌ଧପ୍ କରୁଛନ୍ତି ସେଠି। କୃଷ୍ଣପକ୍ଷର ଆଜି ଚତୁର୍ଦ୍ଦଶୀ । ଆଉ ମଝିରେ ଦୁଇଦିନ ଅନ୍ତେ ରଥଯାତ୍ରା।

ବାହାରର ଶାନ୍ତ ସ୍ନିଗଧ କୋମଳ ରାତି ବେଶ୍ ଭଲ ଲାଗୁଥିଲେ ବି ସେ ଫେରି ଆସିଲା ବିଛଣାକୁ ଏବଂ ଶୋଉ ଶୋଉ ଶୋଇ ପଡ଼ିଲା। କେତେକ୍ଷଣ ମାତ୍ର ଶୋଇଛି କି ନାହିଁ, ବ୍ରାହ୍ମ ମୁହୂର୍ତ୍ତରୁ ଉଠିପଡ଼ିବାକୁ ରାଧିକାମାତା ଆସି କବାଟ ଠକ୍ ଠକ୍ କଲେ। ଇଚ୍ଛା ନ ଥିଲେ ବି ଉଠି ଆସିବାକୁ ବାଧ୍ୟ ହେଲା ସେ।

ଅପରାହ୍ନ ପର୍ଯ୍ୟନ୍ତ ଜେନିର ସ୍ୱାଭାବିକ ଦିନଚର୍ଯ୍ୟା ଭିତରେ ଅତିବାହିତ ହୋଇ ଯାଇଥିଲା ସମୟ। ମଧ୍ୟାହ୍ନଭୋଜନରେ ସ୍ୱାମୀଜୀଙ୍କ ସହିତ ସାକ୍ଷାତ ହୋଇଥିଲା ଜେନିର । ସଦା ନିରୁଦବିଘ୍ନ ତାଙ୍କ ମୁଖମଣ୍ଡଳ ଜେନିକୁ ଦେଖି ଖୁସିରେ ସାମାନ୍ୟ ଝଲସି ଉଠିଥିଲା । ହେଲେ କିଛି ବାକ୍ୟାଳାପ କରି ନଥିଲେ ସେ। ଭୋଜନ ଅନ୍ତେ ସାରା ଦ୍ୱିପ୍ରହରଟା ଜେନି କେବଳ ମା'ଙ୍କ କଥା ହିଁ ଭାବି ଭାବି କଟେଇ ଦେଇଥିଲା। ଆଉ ଅପରାହ୍ନରେ ମଠ ଛାଡ଼ି ବାହାରକୁ ଆସିଲାବେଳେ ରାଧିକାମାତା ଚେତେଇ ଦେଲେ" ଯୁଆଡ଼େ ଯାଉଛ ଯାଅ, ସଂଧ୍ୟା ଆଳତି ପୂର୍ବରୁ ଫେରି ଆସିବ ନିଶ୍ଚୟ ।"

ଜେନି କେବଳ ମୁଣ୍ଡ ଟୁଙ୍ଗାରି ଥିଲା ଯାହା । ଅନୁଭବ କଲା, ଇସ୍କନ୍‌ର ଅକ୍ଟୋପାସୀ ବନ୍ଧନ ତାକୁ ଧୀରେ ଜାବୋଡ଼ି ଧରିବାକୁ ଚାହୁଁଛି । ଦାନର କିଛି ପ୍ରତିଦାନ କେଉଁଠି ନା କେଉଁଠି ଲୁଚି ଲୁଚି ଘୂରି ବୁଲୁଥାଏ ସର୍ବଦା ।

ସବୁଦିନ ପରି ଜେନି ଆସି ଛିଡ଼ାହେଲା ସିଂହଦ୍ୱାର ସାମ୍ନାରେ । ଏଇଠୁ ଥରେ ଗୁମଟ ଭିତରେ ପତିତପାବନଙ୍କୁ ଦର୍ଶନରେ ମୁଣ୍ଡିଆ ମାରି ସେ ଯିବ ବଡ଼ଦାଣ୍ଡ, ଦେଖିବ ସଂପୂର୍ଣ୍ଣ ହୋଇ ଆସୁଥିବା ରଥଗୁଡ଼ିକୁ । ତା'ପରେ ଫେରିଆସିବ ମଠକୁ।

ଅନେକ ସମୟ ଛିଡ଼ା ହୋଇ ରହିଲା ଜେନି ରଥଖଳାରେ। ରଂଗିନ କନାରେ ଆଚ୍ଛାଦିତ ହେଉଛନ୍ତି ରଥଗୁଡ଼ିକ । ମିସ୍ତ୍ରୀମାନେ ମନ ଚୈତନ୍ୟ ଲଗେଇ ଲାଗି ଯାଇଛନ୍ତି କାମରେ। ବେଳନାହିଁ କାହାକୁ, ଏତେ ସଂଖ୍ୟକ କାରିଗର ଓ ମିସ୍ତ୍ରୀ ଯେଝା ଯେଝା କାମରେ ବ୍ୟସ୍ତ। କିଏ କେଉଁଠି କି କାମ କରିବ, ସବୁ ଯେମିତି ଆଗରୁ ନିର୍ଦ୍ଧାରିତ ହୋଇ ସାରିଛି। ହାତ ଚାଲିଛି ଆପଣା ଛାଏଁ । ଶ୍ରମ ଝାଳରେ ଭିଜି ଯାଇଛି ଦେହର ଲୁଗା । କାହାରି ଫୁଙ୍ଗୁଳା ପିଠି ଜକେଇଯାଇଛି ଝାଳରେ । ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମ ପଡ଼ିଛି।

କେତେ ସମୟ ରଥଖଳାରେ ଚକିତ ହୋଇ ରଥଗୁଡ଼ିକୁ ଅନେଇ ରହିଲା ଜେନି। ଅନୁଭବ କଲା, ସବୁବର୍ଷ ଏକାପ୍ରକାର ରଥ ନିର୍ମାଣ ହେଉଛି। ସେଇ ସମାନ ରଙ୍ଗର କନା, ସମାନ ପ୍ରକାର କୁଟିକାମ ଯେଉଁ ଯେଉଁ ସ୍ଥାନରେ ଲାଗିବା କଥା ଲାଗୁଛି। କିଛି ବି ଟିକେ ଫରକ ନାହିଁ। ଅଥଚ ସବୁକିଛି ନୂଆ ଓ ଅଭିନବ ମନେ ହେଉଛି। ଧୀରେ ଧୀରେ ରଥମାନେ ପ୍ରକଟ କରି ନେଉଛନ୍ତି ଆପଣା ସୁଢଳପଣିଆକୁ।

ସୂର୍ଯ୍ୟାସ୍ତ ପ୍ରାୟ ଉପଗତ। ମହାରଣା ଓ ମିସ୍ତ୍ରୀମାନେ କାମ ବନ୍ଦ କରିବାକୁ ଲାଗିଲେ। ଜେନି ଧିରେଧିରେ ଆଗେଇଲା ମଠକୁ ନୁହେଁ, ସମୁଦ୍ରକୂଳକୁ। କେତେ କ୍ଷଣ ସେଠି ବସି ଆସିଲେ ଦେହମନକୁ ଆରାମ ଲାଗିବ।

ସଂପୂର୍ଣ୍ଣ ଜନାକୀର୍ଣ୍ଣ ସମୁଦ୍ରକୂଳ, ଶତ ଶତ ନୁହେଁ, ବରଂ ହଜାର ହଜାର ଲୋକ ଖୁନ୍ଦିହୋଇ ଯାଇଛନ୍ତି ଚାରିଆଡ଼େ, ଏ ପାଖରୁ ସେପାଖ, ସେପାଖରୁ ଏ ପାଖ।

ଜେନି ଅପେକ୍ଷାକୃତ ଏକ ପତଳା ଇଲାକାରେ ଟିକେ ଫାଙ୍କା ସ୍ଥାନ ଦେଖି ବସିଲା କୂଳକୁ ଲାଗି, ବାଲି ଉପରେ। ଗୋଡ଼ ଦୁଇଟାକୁ ଆଣ୍ଠୁଠାରୁ ସାମାନ୍ୟ ଫାଙ୍କ କରି ଦୁଇ ହାତ ପାପୁଲିକୁ ଆଣ୍ଠୁ ସାମ୍ନାରେ ଛନ୍ଦି ଦେଇ ଏକ ଅପୂର୍ବ ମୁଦ୍ରାରେ ବସି ରହିଲା, ଯେମିତି କ୍ଳାନ୍ତ ବାଟୋଇଟିଏ ଥକ୍କା ମେଣ୍ଟେଇବା ପାଇଁ ରାସ୍ତାକଡ଼ ଗଛ ମୂଳେ ବସିପଡ଼େ। ରଥଖଳାଠାରୁ ଏ ଯାଏଁ ଚାଲି ଚାଲି ଆସିଥିବାରୁ ତାକୁ କି ଢେର୍ କ୍ଳାନ୍ତି ଲାଗୁଥିଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଦୁର୍ନୀତି ଓ ଆଇନ

ଛୁଟିଛୁଟି

ପ୍ର. ବୈଷ୍ଣବ ଚରଣ ସାମଲ



ଏବେ ସାରା ଭାରତବର୍ଷରେ ଗୋଟାଏ ହୋ' ଉଠିଛି ଦୁର୍ନୀତି ରାକ୍ଷସ ସହସ୍ର ଶସ୍ତ୍ର, ସହସ୍ର ଭୁଜ ଧରି ମାଡ଼ି ଆସୁଛି ଗୋଟାପଣେ ଏ ଦେଶକୁ ଗିଳି ଦେବ । ଘରେ ବାହାରେ, ଶାସନ-ତନ୍ତ୍ରରେ, ବିଚାର-ତନ୍ତ୍ରରେ, ଧର୍ମରେ, ସଂସ୍କୃତିରେ, ବାଣିଜ୍ୟ ବ୍ୟବସାୟରେ, ଶିକ୍ଷାରେ, ପରୀକ୍ଷାରେ, କଳା ସାହିତ୍ୟରେ, ସେବାରେ, ଦେବାରେ, ନେବାରେ ସବୁଠି ଦୁର୍ନୀତିର ଅବାଧ ପ୍ରବେଶ । ତାରିଆଡ଼େ ତା' ପାଇଁ ବାଟ ଖୋଲା ମେଲା । ଟିକେ କେଉଁଠି ସୁରାକ ପାଇଗଲେ ସେଇବାଟେ ସିଏ ପଶି ଆସେ, ଘଳିଆ ପକେଇ ଦେଇ ଘାଇ କରିଦିଏ । ଗୋଟାଏ ଚୋର ପୋଲିସ ହାଜତରୁ କୌଣସି ମତେ ଖସି ଆସି ଦୌଡ଼ି ଦୌଡ଼ି ଯାଉ ଯାଉ ଯେମିତି ଚିଲୋଉଥାଏ- ହେଇ ଚୋର ପଳେଇ ଗଲା, ଧର ଧର । କେହି ଧରୁ ନଥାନ୍ତି, ଜାଣି ପାରୁ ନଥାନ୍ତି ଚୋର କିଏ; ଅଥଚ ଚୋର ପଳାଉଥାଏ ମାଙ୍କଡ଼ ପରି ଡିଆଁ ମାରି, ଏଠୁ ସେଠିକୁ, ଲୋକ ଗହଳି ଭିତରେ ଛପି ଯାଉଥାଏ । ଗଲା- ଧରଧର ଚୋର ପଳାଇଯାଏ, କେହି ଧରି ପାରନ୍ତି ନାହିଁ । କିଏ ଧରିବ ? ଯିଏ ଧରିବ ସିଏ ସାଧୁ କି ? ଯଦିବା କେହି ସାଧୁ ଲୋକଟିଏ ସାହସ କରି ଧରିବାକୁ ଯିବ ସିଏ ଦୁର୍ନୀତି ରାକ୍ଷସର ଖଡ଼୍‌ଗରେ ଟଳିପଡ଼ିବ ନାହିଁ କି ? ତେଣୁ କେହି ମାଛିକି ମ' ନ କହିବା ବ୍ୟକ୍ତି କହନ୍ତି- ଆରେ ବାପା ! କାହିଁକି ମାଖୁନାରେ ମାତିଛ ? ଆପେ ବଂଚିଲେ ବାପର ନାଁ । ନିଜେ ବଂଚ । ଅୟସ କର । ଜୀବନକୁ ଉପଭୋଗ କର । କାହିଁକି ନିଆଁ ସହିତ ଖେଳିବ ? ନିଆଁ କଣ ତମକୁ ଛାଡ଼ିବ ? ହଁ ଯିଏ ଖେଳିବ ସିଏ ନିଆଁକୁ ଠିକ୍ ଭାବରେ ଜାଣିଥିବା ଉଚିତ । ସିଏ ହନୁମାନ ପରି ହୋଇଥିଲେ ନିଆଁ ସହିତ ଖେଳିପାରେ । ତାକୁ ମାରିବା ପାଇଁ ଦୁର୍ନୀତି ରାକ୍ଷସମାନେ ଯେତେ ଚେଷ୍ଟା କଲେ ସବୁ ବ୍ୟର୍ଥ ହୋଇଗଲା । ଶେଷକୁ ତା' ଲାଙ୍ଗୁଳରେ କନା ବାନ୍ଧି, କିରୋସିନୀ ଢାଳି ନିଆଁ ଲଗାଇ ଦେଲେ ଯେ ନିଆଁ ହୁତ୍‌ହୁତ୍ ହୋଇ ଜଳିଲା । ରାକ୍ଷସମାନେ ତାଳିମାରି ନାଚିଲେ । ଏଥର ମଲା ମାଙ୍କଡ଼ । ମାତ୍ର ହନୁମାନ ମଲା ନାଇଁ, ସିଏ ଡେଇଁଲା ସାରା ଲଙ୍କା ନଗରୀର ପ୍ରାସାଦ ଉପରୁ ପ୍ରାସାଦକୁ । ସବୁଠି ଲାଗିଲା ନିଆଁ । ପାଉଁଶ ହୋଇଗଲା ସ୍ୱର୍ଣ୍ଣ ଲଙ୍କା- ଦୁର୍ନୀତିରେ ଗଢ଼ା ହୋଇଥିବା ନଗର। ତଥାପି ନୀତି ନୈତିକତା, ଧର୍ମ, ନ୍ୟାୟ ଅନ୍ୟାୟକୁ ତୁଚ୍ଛ ମନେ କରୁଥିବା ରାବଣର ଚେତା ଫେରିଲା ନାଇଁ । ତା'ର ଅହଂକାର ତା'ର କ୍ଷମତାକୁ ନେଇ, ଧନ ସଂପତ୍ତିକୁ ନେଇ, ତାର ଅସ୍ତ୍ରଶସ୍ତ୍ରକୁ ନେଇ, ତାର ପ୍ରାଚୁର୍ଯ୍ୟକୁ ନେଇ। ସତ୍ ଉପାୟରେ ଏସବୁ ଆସେ ନାଇଁ । ଯଦିବା ଆସେ କେହି ଏପରି ଉତ୍ପାତ ହୁଅନ୍ତି ନାହିଁ। ଉତ୍ପାତ ହୁଅନ୍ତି, ଧରାକୁ ସରା ମନେ କରନ୍ତି ଅସତ୍ ଉପାୟରେ ଧନୀ ହୋଇଥିବା, ବଡ଼ ହୋଇଥିବା ମଣିଷମାନେ। ସେଇମାନେ ରାବଣ ପରି ମରନ୍ତି, ସବଂଶ ଧ୍ୱଂସ ହୋଇଯାଆନ୍ତି।

ତେବେ ଏବେ ଏକଥା କିଏ ହେଜୁଛି ? ଏବେ ତ ଗଣତନ୍ତ୍ର । ଏଇ ତନ୍ତ୍ରରେ ନୀତିର ନାଁଟା ଭାରି ଉଚ୍ଚରେ । ଭିତରେ ଛପି କରିଥାଏ ଦୁର୍ନୀତି । ଏବେ ଆଉ ସିଏ ଲୁଚି ନାଇଁ; ଖୋଲା ମେଲା, ଯିଏ ତାକୁ ବରଣମାଳା ଦେଇ ନପାରିବ ସିଏ ଘାସକୁ ଛୋଟ, ବେଣାକୁ ମୋଟ ହୋଇଯିବ । କେହି ତାକୁ ପଚାରିବେ ନାଇଁ । ଏବେ ଦେଖିବା- କୃଷି କ୍ଷେତରୁ ଜଙ୍ଗଲ ରାଇଜ, ଗାଁରୁ ନଗର, ରାଜନୀତିରୁ ପ୍ରଶାସନ, ଧର୍ମରୁ ଅନୁଶାସନ, ଶିକ୍ଷାରୁ ବଣିଜ ଯୁଆଡ଼କୁ ଚାହିଁବ ସେଇଆଡ଼େ ଦୁର୍ନୀତି ଲମ୍ବିଯାଇ ପାତାଳ ଫଟା ମହାଦେବ ପାଲଟି ଗଲାଣି । ତାକୁ ଉପାଡ଼ିବ କିଏ ? ତା' ଅଗମୂଳ ବି ପାଇଲେ ନାଇଁ ବ୍ରହ୍ମା ଓ ବିଷ୍ଣୁ- ଜଣେ ପାତାଳକୁ ଯାଇ, ଅନ୍ୟ ଜଣେ ଉପରକୁ ଆକାଶ ପର୍ଯ୍ୟନ୍ତ ଯାଇ । ଏବେ କିଏ ତାକୁ ଧରି ପାରିବ ? ଖୋଜି ବାହାର କରି ପାରିବ ? କେଉଁ ଜଗୁଆଳ, ରଖୁଆଳ ବା ରକ୍ଷୁଆଳ ? କେଉଁ ଆରକ୍ଷୀ ବା ଆଇନର ଅଙ୍କୁଶ ତାକୁ ଧରି ତା' ବେକରେ ଫାଶ ଲଗେଇ ଦେଇ ପାରିବ ? ଯିଏ ଯିବ ସିଏ ଦୁର୍ନୀତିରୁ ମୁକ୍ତ କି ? ଦୁର୍ନୀତି ତ ସୁନା ମିରିଗ ପରି ଆଗେ ଆଗେ ଧାଉଁଛି, ତା'ରି ପଛରେ ଗୋଡ଼େଇଛନ୍ତି ରାମଚନ୍ଦ୍ର ମାନେ । ଧରି ପାରୁ ନାହାନ୍ତି। ମାରି ଦେଲା ବେଳକୁ ସିଏ ସୁନା ନୁହଁଇ କି ମିରିଗ ନୁହଁଇ; ଗୋଟାଏ ଛଳନା, ଗୋଟାଏ ମାୟା, ଗୋଟାଏ ମରୀଚିକା ।

ଯେବେଠୁଁ ଆମ ଗଣତନ୍ତ୍ରରେ ଭୋଟ ପ୍ରଥା ଆରମ୍ଭ ହୋଇ ଆସିଲାଣି ସେବେଠୁଁ ଦୁର୍ନୀତି କ୍ରମେ କ୍ରମେ ତା' ଭିତରେ ପ୍ରବେଶ କରି ଘୁଣ ପରି ତାକୁ କୋରି ଖାଇ ସାରିଲାଣି। ଏବେ 'ତନ୍ତ୍ର'ଟା ଅଛି ଯେ 'ଗଣ' ନାହିଁ । 'ଗଣ' ବଦଳରେ 'ଜଣ' ଶୋଭା ପାଇଲାଣି । ଅନର୍ଘମଣି ମୁକୁଟ ପିନ୍ଧି ସମ୍ରାଟ ବନି ଗଲାଣି, ତା' ଅଧୀନରେ ନତଜାନୁ ହୋଇ ଗଲାଣି ପ୍ରଶାସନ, ପୁଲିସ, ଆଇନ ସବୁ କିଛି । ହଁ, ଆଇନ ଦରବାରକୁ ଯାଉଛି ଏଇ ଗଣନେତା, ବଡ଼ ବଡ଼ ଅଧିକାରୀ ଓ ଆରବପତି ମାନଙ୍କର ଦୁର୍ନୀତି ବିଷୟ ମାତ୍ର ସବୁ ସେଠି ଫୁସ୍ ହୋଇଯାଉଛି । ଆମ ଆଇନରେ ତ ଅଛି ସାକ୍ଷୀ ପ୍ରମାଣ । ଆଇନ ଦରବାରରେ ସାକ୍ଷୀ ପହଞ୍ଚି ପାରନ୍ତି ନାହିଁ । ସେଠି ବି ଦୁର୍ନୀତି ବାଟ ବନ୍ଦ କରିଦିଏ । ଏ ଦିଗରେ ବହୁ ତାମଡ଼ା ତାମଡ଼ା ଅଧିକାରୀ, ବାହୁବଳୀ ବାଟ ଓଗାଳି ଦିଅନ୍ତି । ଦୁର୍ନୀତିଗ୍ରସ୍ତମାନେ, ହତ୍ୟାକାରୀ, ଲୁଣ୍ଠନକାରୀ, ଧର୍ଷଣକାରୀମାନେ ଝାଡ଼ି ଝୁଡ଼ି ହୋଇ ବାହାରି ଆସନ୍ତି । ସାକ୍ଷାତ ନିର୍ମଳ ପୁରୁଷ । ଆଉ ଦୁର୍ନୀତି କଥା କହି ଲାଭ ନାହିଁ। ସେଇଟା ଭେର୍ସିଆ ହୋଇଗଲାଣି । ଦୁର୍ନୀତି ଏବେ ନୀତି ହୋଇଗଲାଣି । ଆମ ଅଭିଧାନରୁ ଦୁର୍ନୀତି ଶବ୍ଦଟା ଉଠେଇ ଦେଇ, ତା' ଜାଗାରେ ନୀତି ଲେଖି ଦିଆଯାଉ । ନୀତି ଆଉ ଦୁର୍ନୀତି ଦି'ଇଟା ଯାଆଁଳା ଭାଇ । ସାକ୍ଷାତ ଲବ କୁଶ । ସାନ ବଡ଼ କେହି ନୁହଁନ୍ତି ବାରି ।

ଅନେକ ଶୁଣିଲୁଣି ଦୁର୍ନୀତି ବିଷୟରେ । ଅନେକ ଦେଖିଲୁଣି ଜିରୋରୁ ହିରୋ ବନିଥିବା, ଫକଡ଼ରାମ ଗିରିଧାରୀରୁ ଧନ କୁବେର ପାଲଟିଥିବା, ମୂକରୁ ବାଚାଳ ହୋଇଥିବା ଲୋକଙ୍କୁ । ସବୁ ଏଇ ଦୁର୍ନୀତି ଦେବୀଙ୍କର ଆଶୀର୍ବାଦ । କାହିଁକି ମାଖୁନାଟାରେ ଦୁର୍ନୀତି ଦୁର୍ନୀତି ଚିଲେଇ ପାଟିଟାକୁ ଦୁର୍ଗନ୍ଧିଆ କରିବା। ବରଂ ଇଏ ଥାଉ, ତା' ବାଟରେ ଯାଉ ଥାଉ। ତାକୁ ବନ୍ଦ କରିହେବ ନାହିଁ । ସେଥିରେ ତ ସମସ୍ତେ ମାତିଛନ୍ତି । ଆଇନ ଅସହାୟ ହୋଇଯାଉଛି । ତାକୁ ବରଂ କିଛି କାଳ ବିଶ୍ରାମ ଦିଆଯାଉ । ତେଣିକି ଦୁର୍ନୀତି ଚାଲୁ -ଦଉଡୁ ଥାଉ ଏରକା ଜଙ୍ଗଲ ପର୍ଯ୍ୟନ୍ତ । ଯଦୁବଂଶ ଧ୍ୱଂସ ହେବାର ରାସ୍ତା ଆଉ କେତେ ବାଟ କି ?

♥ ଅପର୍ଣ୍ଣା ନଗର,
ଚାଉଳିଆଗଂଜ, କଟକ-୪

# ଏନଏଫଏସ ମେଧାର ପ୍ରତିବନ୍ଧକ

ଅଧ୍ୟାପକ ଗୋପବନ୍ଧୁ



ସଂରକ୍ଷଣ ବ୍ୟବସ୍ଥା ସମାଜରେ ତଳେ ପଡିଥିବା ଅବହେଳିତ ଓ ଅନଗ୍ରସର ଜାତିସମୂହର କ୍ଷୀପ୍ର ବିକାଶ ପାଇଁ ଉଦ୍ଦିଷ୍ଟ। ଏହା ସମତାଭିତ୍ତିକ ସମାଜ ଗଠନ ଓ ସମାନ ଭାଗିଦାରୀର ଅବସର ତିଆରି କରେ। ଏପରି ଏକ ମହାନ ବ୍ୟବସ୍ଥାର ସଫଳତା ସକାରାତ୍ମକ ଆଭିମୁଖ୍ୟ ଉପରେ ନିର୍ଭର କରେ। ଯେଉଁମାନଙ୍କ ହାତରେ ଏହାକୁ କର୍ଯ୍ୟକାରୀ କରିବା ଦାୟିତ୍ୱ, ସେମାନେ ଆନ୍ତରିକତାର ସହିତ ଏ ଦାୟିତ୍ୱ ପାଳନ କଲେ ଏହାର ସୁଫଳ ଦୃଷ୍ଟିଗୋଚର ହୁଏ। ଅନେକ ସମୟରେ ଦେଖାଯାଏ ଏ ବ୍ୟବସ୍ଥାର ସଠିକ କର୍ଯ୍ୟକାରୀ ହୁଏ ନାହିଁ। ବିଭିନ୍ନ ଆଳରେ ସଂରକ୍ଷିତ ବର୍ଗଙ୍କୁ ସଂରକ୍ଷଣ ଲାଭ ପାଇବାରୁ ବଞ୍ଚିତ କରାଯାଏ। ଚାକିରୀ କ୍ଷେତ୍ରରେ ବିଭିନ୍ନ ବର୍ଗର ନିର୍ଦ୍ଧାରୀତ ସଂରକ୍ଷଣ ହାରଠାରୁ କମ୍ ଆସନ ଦେବା, କାରିଗରୀ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ ତଦ୍ରୁପ କମ୍ ଆସନ ଦେବାର ଅଭିଯୋଗ ଅନେକ ଆସିଛି। ଅନେକ ରାଜ୍ୟରେ ଏହା ଏକ ସାଧାରଣ ଘଟଣା। ଉତ୍ତର ଭାରତର ରଜ୍ୟ ମାନଙ୍କରେ ଏପରି ଘଟଣା ଅଧିକ। ଅନେକ ସମୟରେ ଏହା ପଛରେ ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥାଏ। ବିରୋଧୀଙ୍କ ମଧ ନୀରବ ସମର୍ଥନ ଥାଏ।

ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ। ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ। ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି। ୪୫ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର(୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି)। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି। ସହଯୋଗୀ ପ୍ରଫେସର ପଦରେ ମଧ ସମାନ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ। ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି। ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ୍। ୟୁଜିସି ତଥ୍ୟ ଅନୁଯାୟୀ ପ୍ରୋଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି। ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନ ପରିସ୍ଥିତି। ଓଡିଶାର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ମଧ ତଦ୍ରୁପ ଅବସ୍ଥା ଦେଖିବାକୁ ମିଳେ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦପଦବୀ ଚୟନ ପ୍ରକ୍ରିୟାରେ ମଧ ଏନଏଫଏସର ପ୍ରୟୋଗ ହୁଏ। କେନ୍ଦ୍ରୀୟ ନିଯୁକ୍ତି କ୍ଷେତ୍ରରେ ଆଇଏଏସ ଓ ଆଇପିଏସକୁ ସର୍ବୋଚ୍ଚ ଚାକିରୀ ଭାବେ ବିବେଚନା କରାଯାଏ। ଏହା ବାଦେ ଅନ୍ୟାନ୍ୟ ପ୍ରଥମ ଶ୍ରେଣୀ ନିଯୁକ୍ତି ମଧ ରହିଛି। ସାମ୍ବିଧାନିକ ଭାବେ ଏ ସମସ୍ତ କ୍ଷେତ୍ରରେ ଏସଟିଙ୍କ ପାଇଁ ୭.୫%, ଏସସିଙ୍କ ପାଇଁ ୧୫% ଓ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଏଯାଏଁ ଆଇଏଏସ କ୍ଷେତ୍ରରେ ଏସଟିମାନଙ୍କୁ ୧.୨୦%, ଏସସିମାନଙ୍କୁ ୨.୪୨% ଓ ଓବିସିମାନଙ୍କୁ ୪.୩୯% ସ୍ଥାନ ପୂରଣ କରିବାକୁ ଦିଆଯାଇଛି। ସେହିପରି ଆଇପିଏସ କ୍ଷେତ୍ରରେ ଏସସିମାନେ ୩.୦୬%, ଏସଟିମାନେ ୧.୫୪% ଓ ଓବିସିମାନେ ୫.୫୦% ସ୍ଥାନରେ ଅଛନ୍ତି। କେନ୍ଦ୍ରସରକାରଙ୍କ ୮୫ ଜଣ ସଚିବଙ୍କ ମଧ୍ୟରୁ ଜଣେ ଏସସି, ତିନି ଜଣ ଏସଟି ଓ ଓବିସିରୁ କେହି ନାହାଁନ୍ତି। ଅନ୍ୟ ସମସ୍ତେ ସାଧାରଣ ବର୍ଗର। ଅନ୍ୟାନ୍ୟ ଚାକିରୀ କ୍ଷେତ୍ରରେ ଏସଟି ଓ ଏସସିମାନେ ନିର୍ଦ୍ଧାରିତ ହାର ପାଖାପାଖି ପ୍ରତିନିଧିତ୍ୱ କରୁଛନ୍ତି, କିନ୍ତୁ ୫୨% ଓବିସି ମାତ୍ର ୧୯.୧୪% ସ୍ଥାନରେ ପ୍ରତିନିଧିତ୍ୱ କରୁଛନ୍ତି। ଆମ ରାଜ୍ୟରେ ମଧ ସମାନ ଅବସ୍ଥା। ଓଡିଶା ସରକାର ଜାଣିଶୁଣି ଏଦିଗରେ ପରିସଂଖ୍ୟାନ ସଂଗ୍ରହ କରି ନାହାଁନ୍ତି। ଫଳରେ ଏହି ବର୍ଗର ଲୋକମାନେ ଅନ୍ଧାରରେ ଅଛନ୍ତି। ଏଦିଗରେ ତଥ୍ୟ ସାର୍ବଜନୀନ ଭାବେ ଉପଲବ୍ଧ ହେବା ଉଚିତ୍।

ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷାରେ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଜାଣିଶୁଣି କମ୍ ନମ୍ବର ଦିଆଯିବାର ଅଭିଯୋଗ ହୁଏ। ଶିକ୍ଷା ଜୀବନ ପ୍ରାରମ୍ଭରୁ ଏକଥା ଚାଲେ। ସମସ୍ତ ଶିକ୍ଷକ ସମାନ ନୁହଁନ୍ତି। ଅନେକେ ନମ୍ବର ଦେବାରେ ବି ପାତର ଅନ୍ତର ମନୋଭାବ ପୋଷଣ କରନ୍ତି। ପ୍ରାତଃ ଭ୍ରମଣ ସମୟରେ ମୋର ଜଣେ ବନ୍ଧୁ ଦିନେ ଗର୍ବର ସହିତ କହୁଥିଲେ ଯେ ତାଙ୍କ କକା ହାଇସ୍କୁଲ ଖାତା ଦେଖା ସମୟରେ ଦୁଇଟି କଲମ ରଖୁଥିଲେ। ଗୋଟିଏ ନମ୍ବର ଦେବାପାଇଁ ନାଲି ଓ ଅନ୍ୟଟି ବ୍ଲୁ। କୌଣସି ଅସବର୍ଣ୍ଣ ଜାତିର ପିଲା ଖାତା ଆସିଲେ ସେ ଦୁଇଚାରି ପୃଷ୍ଠା ବ୍ଲୁ ପେନରେ କାଟି ଦେଉଥିଲେ। ତାଙ୍କ ଯୁକ୍ତିଥିଲା ମୂଳୁ ମାରିଦେଲେ ସବୁ ସରିବ। ଆଉଥରେ ଜଣେ ଅଧାପିକା କହୁଥିଲେ ଏହି ତଳସ୍ତରର ଲୋକମାନେ ପାଠ ପଢି ଯଦି ଚାକିରୀ କରିବେ ତେବେ ଆମ ପିଲାମାନେ କୁଆଡେ ଯିବେ। ମୋର ଜଣେ ସମ୍ପର୍କୀୟ ଭାଇ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ କଲାପରେ ଉଚ୍ଚଶିକ୍ଷା ପାଇଁ ପ୍ରଧାନ ଶିକ୍ଷକଙ୍କ ପରାମର୍ଶ ନେବା ପାଇଁ ତାଙ୍କ ବାପାଙ୍କୁ ପଠାଇଲେ। ସେ ପରାମର୍ଶ ଦେଲେ ଆଉ ଅଧିକ ପଢ଼ାଇବ କାହିଁକି। ହଳେ ବଳଦ କିଣିଦିଅ ଚାଷ କରିବ କିମ୍ବା କେଉଁଠାରେ ପିଅନ ଚାକିରି ପାଇଁ ଚେଷ୍ଟା କର। ପରେ ସେ ପାଠପଢି ଜଣେ ସ୍ୱନାମଧନ୍ୟ ଡାକ୍ତର ହୋଇଥିଲେ। ଏପରି ମାନସିକତା ଏବେବି ପ୍ରବଳ ରହିଛି। ଏହା ଏନଏଫଏସ ପ୍ରୟୋଗର ପୁରୁଣା ଫର୍ମୁଲା। ମୂଳରୁ ପ୍ରତିଯୋଗୀତାକୁ ନଗଲେ ଏନଏଫଏସ ପ୍ରୟୋଗ କରିବାର ଅବକାଶ ରହିବ ନାହିଁ।

ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଆଙ୍ଗୁଠି କାଟି ତାର ମେଧାକୁ ନଷ୍ଟ କରିବା କଥା ସମସ୍ତେ ଜାଣିଛୁ। ତାର ଦୋଷଥିଲା ଯେ କ୍ଷତ୍ରିୟ ନଥିଲା ସେ ଆଦିବାସୀ ଥିଲା। ସେ ଚାହୁଁଥିଲେ ଅର୍ଜୁନ ତୁଲ୍ୟ ଧନୁର୍ଦ୍ଧର ଆଉ କେହି ନରହନ୍ତୁ। ସେ ସମୟରେ ଗୁରୁକୂଳମାନଙ୍କରେ କେବଳ ସବର୍ଣ୍ଣମାନଙ୍କୁ ଶିକ୍ଷାଦାନ ଦିଆଯାଉ ଥିଲା। ରାମାୟଣରେ ଶମ୍ବୁକ ମୁନୀଙ୍କ ହତ୍ୟା ଅନ୍ୟ ଏକ ଉଦାହରଣ। ତାଙ୍କ ଦୋଷଥିଲା ସେ ଶୂଦ୍ର ଥିଲେ। ଯାହାଙ୍କ ଶିକ୍ଷାଲାଭ କରିବା ଓ ଜ୍ଞାନଚର୍ଚ୍ଚା କରିବା ଅଧିକାର ନଥିଲା। ହଜାର ହଜାର ବର୍ଷଧରି ଶୂଦ୍ର/ଅସବର୍ଣ୍ଣମାନଙ୍କୁ ପାଠ ପଢିବାର ଓ ଜ୍ଞାନଚର୍ଚ୍ଚା କରିବାର ଅଧିକାର ନଥିଲା। ଏମାନେ ବେଦ ପଢିବା ତ ଦୂରର କଥା ଏହାକୁ ଶୁଣିବା ପାଇଁ ମଧ ଯୋଗ୍ୟ ନଥିଲେ। ବେଦପାଠ କଲେ ଜିଭ କରିଦେବାର ଓ ଶୁଣିଲେ କାନରେ ଗରମ ସୀସା ଢାଳିଦେବାର ବ୍ୟବସ୍ଥା ଥିଲା। ସଂସ୍କୃତକୁ ଦେବଭାଷା କୁହାଯାଉଥିଲା। ଗୋଟିଏ ବର୍ଗର ଲୋକ ଏହା ପଢୁଥିଲେ, ଏହା ସାର୍ବଜନୀନ ନଥିଲା। ଏ ସମସ୍ତ ଯୋଗ୍ୟ ପ୍ରାର୍ଥୀର ଅଭାବ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା। ଉଦ୍ଦେଶ୍ୟ ଥିଲା ଗୋଟିଏ ସମାଜକୁ ଏପରି ବଞ୍ଚିତ କରାଯିବ ଯେ ସେମାନଙ୍କ ଭିତରୁ କେହି ଯୋଗ୍ୟ ପ୍ରାର୍ଥୀ ବାହାରିବେ ନାହିଁ। ଫଳରେ ଚୟନ ସମୟରେ ଏମାନେ ପ୍ରତିଯୋଗୀତାକୁ ଆସିପାରିବେ ନାହିଁ। ଏହା ଏକ ପରୋକ୍ଷ ପ୍ରକ୍ରିୟା ଏନଏଫଏସର ଯାଥାର୍ଥ୍ୟତା ପ୍ରମାଣ ପାଇଁ।

ଯୋଗ୍ୟ ପ୍ରାର୍ଥୀର ଅଭାବ ବା ଏନଏଫଏସକୁ ନେଇ ବିବାଦ ତେଜିବାରେ ଲାଗିଛି। ଯୋଗ୍ୟ ପ୍ରାର୍ଥୀ ଚୟନ ବୋର୍ଡ଼ରେ ପ୍ରାୟତଃ ସବର୍ଣ୍ଣ ସଦସ୍ୟମାନେ ସଂଖ୍ୟାଧିକ ଥାଆନ୍ତି, କେତେକ କ୍ଷେତ୍ରରେ ସମସ୍ତେ ଥାଆନ୍ତି। ଏମାନଙ୍କ ମନରେ ଏକପ୍ରକାର ସାମାଜିକ ଚେତନା ରହିଛି ଯେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ କୋଉ କାମକୁ ନୁହଁନ୍ତି, ଏମାନେ ଅଯୋଗ୍ୟ। ଅନେକ ସମୟରେ ଜାଣିଶୁଣି ଏମାନଙ୍କୁ ଏପରି ପ୍ରଶ୍ନ କରନ୍ତି ଯାହା ଅତ୍ୟନ୍ତ ଜଟିଳ। ଅନ୍ୟପକ୍ଷରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କୁ ସହଜ ପ୍ରଶ୍ନ ପଚରା ଯାଏ। ଏହାବି ଦେଖାଯାଇଛି ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଖୁବ୍ ଭଲ ନମ୍ବର ରଖୁଥିବା ବେଳେ ମୌଖିକ ପରୀକ୍ଷାରେ କମ୍ ନମ୍ବର ପାଉଛନ୍ତି। ପକ୍ଷାନ୍ତରରେ ଲିଖିତ ପରୀକ୍ଷାରେ କମ୍ ନମ୍ବର ରଖିଥିବା ସାଧାରଣ ବର୍ଗର ପିଲା ମୌଖିକ ପରୀକ୍ଷାରେ ଅଧିକ ନମ୍ବର ରଖୁଛି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ )

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୦୨ ଅଗଷ୍ଟ ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ପ୍ରତ୍ୟେକ ଛାତ୍ରଙ୍କ ପଛରେ ଥାଏ ଗୋଟିଏ ପରିବାର

## ମନସିଜ୍ ଦାସ



ପରିବାର, ଶବ୍ଦଟି ମନ ଭିତରକୁ ଆସିବା ପରେ ଅନେକ ଭାବନାର କାହାଣୀ ସବୁ ଆଖି ସାମ୍ନାକୁ ଚାଲିଆସେ। ଗୋଟିଏ ଘର ଭିତରେ ବସବାସ କରୁଥିବା କିଛି ଲୋକଙ୍କ ସମ୍ମିଶ୍ରଣ ଏକ ପରିବାର ନୁହେଁ। ଆମ ଭାରତୀୟ ମହାନ ଆର୍ଯ୍ୟସନାତନ ସଂସ୍କୃତି ପରିବାରର ବାର୍ତ୍ତା ଦେବା ପାଇଁ ଯାଇଁ ଏହି ପ୍ରାଚୀନତମ ଉଦଘୋଷଣ କରିଥାଏ। 'ବସୁଧୈବକ କୁଟୁମ୍ବକମ୍' ଯାହାର ଅର୍ଥ ହେଉଛି ସମଗ୍ର ବିଶ୍ୱବାସୀ ଗୋଟିଏ ପରିବାରର। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'।

ଅନେକ ସମୟରେ ଛାତ୍ରଛାତ୍ରୀମାନଙ୍କ ପ୍ରତିବାଦ କରୁଥିବାର ପ୍ରମାଣ ନିଜ ଦାବୀ ରଖୁଥିବାର ଚିତ୍ର ଆମେ ଦେଖୁ। ସେ ସମୟରେ ଆମ ଆଖିରେ କେବଳ ଗୋଟିଏ ପ୍ରତିବାଦ ସ୍ପଷ୍ଟ ହୋଇଥାଏ କିନ୍ତୁ ସେହି ପ୍ରତିବାଦ ପଛରେ ଥିବା ବର୍ଷ ବର୍ଷର ତ୍ୟାଗ, ସଂଘର୍ଷ, ଆଶା, ଆକାଂକ୍ଷା ଓ ଆଶାକୁ ଆମେ ବହୁତ କମ ଦେଖିଥାଉ। ଏହାର ଗୋଟିଏ ହିଁ ସରଳ ଉତ୍ତର ତାହା ହେଉଛି ପ୍ରତ୍ୟେକ ଛାତ୍ରଙ୍କ ପଛରେ ଥାଏ ଗୋଟିଏ ପରିବାର। ଏ ଦୁନିଆର ପ୍ରତିଟି ବାପା ନିଜ ଇଚ୍ଛା, ସ୍ୱପ୍ନ, ସମ୍ଭାବନାକୁ ପଛେଇ ରଖି କେବଳ ପୁଅ କିମ୍ବା ଝିଅର ପାଠପଢ଼ା ପାଇଁ ଟଙ୍କା ସଞ୍ଚୟ କରନ୍ତି। ସେହିପରି ଜଣେ ମାଆ ଘରର ଖର୍ଚ୍ଚ କମାଇ ପିଲାକୁ ଭଲ ଓ ଉଚିତ ଯଥାର୍ଥ ଶିକ୍ଷା ଦେବାର ସ୍ୱପ୍ନ ଦେଖନ୍ତି। ଭାଇ ଭଉଣୀମାନେ ମଧ୍ୟ ନିଜ ଇଚ୍ଛାକୁ ଚାପି ରଖନ୍ତି। ଏହି ଘଟଣା ଅନୁଭବ ଓ କାହାଣୀ ଗୁଡ଼ିକ ସାଧାରଣତଃ 'ଖବର'ର ଶିରୋନାମା ହୋଇନଥାଏ କିମ୍ବା ଆଲୋଡ଼ନା ବା ଚର୍ଚ୍ଚା ସୃଷ୍ଟି କରିନଥାଏ। ଜଣେ ଲେଖକ ଉପସ୍ଥାପକ, କାହାଣୀକାର ଭାବେ ନୁହେଁ ମୋ ନିଜ ଜୀବନ ଚିତ୍ରରୁ ଏହାକୁ ହିଁ ଲେଖୁଛି। ମୁଁ ନିଜେ ଏକ ମଧ୍ୟବିତ୍ତ ପରିବାରରୁ ଆସିଛି। ଜୀବନକୁ ଆଗେଇ ନେବା ପାଇଁ ପ୍ରତିଯାଗିତା ମୂଳକ ପରୀକ୍ଷାର ଚାପ, ଅନିଶ୍ଚିତତା, ଆହ୍ୱାନ ଓ ମାନସିକ ସଂଘର୍ଷକୁ ମୁଁ ନିଜେ ଅନୁଭବ କରିଛି ସେହି ସଂଘର୍ଷ, ଯନ୍ତ୍ରଣା ଓ ହା ହୁତାଶକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ବଡ଼କଥା ହେଉଛି ଆମ ଭଳି ମଧ୍ୟବିତ୍ତ ପରିବାର ପାଇଁ ଶିକ୍ଷା କେବଳ ଏକ ଡିଗ୍ରୀ ନୁହେଁ ଏହା ଏକ ଭଲ ଜୀବନର ସବୁଠାରୁ ବଡ଼ ଆଶା ଓ ଅନେକ ସମ୍ଭାବନା। ସେଥିପାଇଁ ଆମ ଭଳି ପରିବାର କେବେ ବି ଏକ ଅନ୍ୟାୟପୂର୍ଣ୍ଣ ବ୍ୟବସ୍ଥାକୁ ସହି ପାରିବେନାହିଁ।

ସାରା ପୃଥିବୀରେ ସବୁ ଦେଶର ପିଲାମାନେ ଖାଦ୍ୟ, ପୋଷାକ ଓ ଭାଷା ସମ୍ପର୍କରେ ପ୍ରାଥମିକ ଜ୍ଞାନ ପାଇଥାଆନ୍ତି ପରିବାର ପାଖରୁ । ସେଥିପାଇଁ ଆଜିର ସମୟରେ ଯେ କୌଣସି ପ୍ରକାରବାଧ ବାଧକତା ଯୋଗୁଁ ପରିବାର ଠାରୁ ଦୂରରେ ରହୁଥିବା ଲୋକମାନେ ନିଜ ପିଲାଦିନକୁ ମନେପକାନ୍ତି । କେମିତି ଜେଜେ ମା' ଗପ କହୁଥିଲା କି କେମିତି ଖୁଡ଼ୀ ସୁଆଦିଆ ଖାଦ୍ୟ ରାନ୍ଧୁଥିଲେ । ଆଗାମୀ ପିଢ଼ି ପାଇଁ କକା, ପିଇସୀ, ମାମୁଁ, ମାଉସୀ ଆଦି ଶବ୍ଦ ମୂଲ୍ୟହୀନ ହୋଇଯିବ, ଏସବୁ ସମ୍ପର୍କଗୁଡ଼ିକ ପ୍ରାୟ ପରିବାରରୁ ଲୋପ ହେବାକୁ ବସିଲାଣି । କାରଣ ସହରମାନଙ୍କରେ ଦ୍ୱିତୀୟ ପରିବାର କେହି ଚାହୁଁନାହାନ୍ତି । କାରଣ ପରିବାର କହିଲେ ଯେତିକି ବି ଅଛି ସେଇଟି ସାଇତି ରଖିବାକୁ ହେବ ।

ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାର ଆହ୍ୱାନକୁ ଭୟ କରିନଥାନ୍ତି କାରଣ ସେମାନଙ୍କ ସହିତ ରହିଥାଏ ଅଧ୍ୟବସାୟ ଓ କଠିନ ପରିଶ୍ରମ। ସମସ୍ତେ ଯେ ସଫଳ ହେବେ ସେମାନେ ଜାଣନ୍ତି କିନ୍ତୁ ସେମାନଙ୍କ ପାଇଁ ବଡ଼ ଆହ୍ୱାନ ଓ ମାନସିକ ଦୁଃଶ୍ଚିନ୍ତା ହେଉଛି 'ଅନିଶ୍ଚିତତା'। କର୍ପୋରେଟ ଜଗତରେ କାମ କରୁଥିବା ଆମ ସମସ୍ତଙ୍କ ପାଇଁ ଏହାକୁ ଗୋଟିଏ ସରଳ ଉଦାହରଣରେ ବୁଝାଇବାକୁ ଚାହୁଁଛି। ଭାବନ୍ତୁ ଜଣେ ବର୍ଷ ସାରା କଠୋର ପରିଶ୍ରମ କଲା, ଲକ୍ଷ୍ୟ ପୂରଣ ପଥରେ ଅନେକ ପ୍ରତିକୂଳ ଆହ୍ୱାନକୁ ସାମ୍ନା କରି ଅତିରିକ୍ତ ସମୟ ଦେଇ ପରିଶେଷରେ ଯେତେବେଳେ ବୁଝିଲା ଯେ କମ୍ପାନୀର ପର୍ଫର୍ମାନ୍ସ ମୂଲ୍ୟାଙ୍କନ ବ୍ୟବସ୍ଥା ନ୍ୟାୟ ସଙ୍ଗତ ତାହା ତ ଠିକ୍ କିନ୍ତୁ ଯଦି ମୂଲ୍ୟାଙ୍କନର ନିୟମ ଦୋହଲି ଯାଏ ବା ବଦଳି ଯାଏ କିମ୍ବା ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଫଳାଫଳ ବିଳମ୍ବ ହୁଏ କିମ୍ବା ସମାନ କାମ ପାଇଁ ଭିନ୍ନ ଭିନ୍ନ ମାପଦଣ୍ଡକୁ ଆଧାର କରାଯାଏ ତେବେ ଆପଣଙ୍କର ସବୁଠାରୁ ବଡ଼କଷ୍ଟ ମୂଲ୍ୟାୟାନ ବା ରେଟିଂ ନୁହେଁ ବରଂ ବ୍ୟବସ୍ଥା ଉପରୁ ବିଶ୍ୱାସ ଭାଙ୍ଗିଯିବାର ଯନ୍ତ୍ରଣା। କୌଣସି ପେଷାଦାର ଏପରି ବ୍ୟବସ୍ଥାକୁ ସହଜରେ ଗ୍ରହଣ କରିବେ ନାହିଁ। ତାହାହେଲେ ଆମ ବ୍ୟବସ୍ଥା କାହିଁକି ଛାତ୍ରଛାତ୍ରୀଙ୍କ ଠାରୁ ସେହି ଆଶା ରଖୁଛି।

କର୍ପୋରେଟ କ୍ଷେତ୍ରରେ ପ୍ରତିବର୍ଷ ସୁଯୋଗ ଯିବା ଆସିବା ହୋଇଥାଏ କିନ୍ତୁ ଅନେକ ପ୍ରତିଯୋଗିତା ମୂଳକ ପରୀକ୍ଷା ଜୀବନରେ କେବଳ ଥରେ କିମ୍ବା ଖୁବ ସୀମିତ ସୁଯୋଗ ପାଇଁ ଆସିଥାଏ। ସେଠାରେ ଅନିଶ୍ଚିତତା କେବଳ ଫଳାଫଳକୁ ବିଳମ୍ବ କରିନଥାଏ ବରଂ ଏହା ଜଣଙ୍କ ଜୀବନର ଲକ୍ଷ୍ୟ, ସ୍ୱପ୍ନ, ସମ୍ଭାବନା, ଆର୍ଥିକ ସ୍ୱାଧୀନତା ଏବଂ ଗୋଟିଏ ତମାମ ପରିବାରର ସ୍ୱପ୍ନକୁ ବିଳମ୍ବିତ କରିଦେଇଥାଏ। ଯୋଗ୍ୟତା ସେତେବେଳେ ହିଁ ଶ୍ରେଷ୍ଠତା ଆଣିଥାଏ ଯେତେବେଳେ ବ୍ୟବସ୍ଥା ନ୍ୟାୟସଙ୍ଗତ, ସ୍ୱଚ୍ଛ ଓ ବିଶ୍ୱସନୀୟ ହୋଇଥାଏ। ଅଧିକାଂଶ ଛାତ୍ରଛାତ୍ରୀ ପ୍ରତିବାଦ କରିବାର ସ୍ୱପ୍ନ ଦେଖନ୍ତି ହିଁ ନାହିଁ। ସେମାନେ ପାଠପଢ଼ିବାକୁ, ନିଜ ଯୋଗ୍ୟତାରେ ସଫଳ ହେବାକୁ ଓ ନିଜ ପରିବାରର ମୁହଁରେ ହସ ଫୁଟାଇବାକୁ ଚାହାଁନ୍ତି। ଆମେ ପ୍ରାୟ କହୁ ଯେ ଭାରତର ବିଶାଳ ଯୁବପିଢ଼ୀ ହେଉଛନ୍ତି ଏ ଦେଶର ସବୁଠାରୁ ପ୍ରଧାନ ଓ ବଡ଼ ଶକ୍ତି ଯଦି ଏହା ସତ ତେବେ ସେମାନଙ୍କ ବ୍ୟବସ୍ଥା ଉପରେ ଥିବା ବିଶ୍ୱାସକୁ ରକ୍ଷା କରିବାର ଦାୟିତ୍ୱ ମଧ୍ୟ ଆମର। ପ୍ରତ୍ୟେକ ପରୀକ୍ଷା କେବଳ ଜ୍ଞାନର ପରୀକ୍ଷା ହେଉ ଧୈର୍ଯ୍ୟର ନୁହେଁ କାରଣ ପ୍ରତ୍ୟେକ ଛାତ୍ରଙ୍କ ପଛରେ କେବଳ ଜଣେ ବ୍ୟକ୍ତି ନୁହେଁ ଏହା ପଛରେ ଗୋଟିଏ ପରିବାରର ବର୍ଷ ବର୍ଷର ତ୍ୟାଗ, ବିଶ୍ୱାସ, ଆଶା ଓ ଭରଷା ସବୁ କିଛି ହିଁ ରହିଥାଏ।

ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା । ସମାଜରେ ଏହି ସୂତା ହେଉଛି ସଂସ୍କାର । ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ । ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ । ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚାପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ । ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେବେଳେ ଦୁର୍ବଳ କରିଦେଉଛି ସେ କଥା ବି ଜଣାପଡ଼େନି ।

ସମସ୍ତେ ଏବେ ବ୍ୟସ୍ତ ନିଜ କ୍ୟାରିଅରକୁ ନେଇ । କ୍ୟାରିଅର ଦୌଡ଼ରେ ପରିବାର ପଛରେ ପଡ଼ିଯାଉଛି । କ୍ୟାରିଅରରେ ଖୁବ୍ ଆଗେଇ ଯାଇ ଇପ୍ସିତ ଲକ୍ଷ୍ୟରେ ପହଞ୍ଚିବା ପରେ ମଣିଷ ଯେତେବେଳେ ଆରାମ କରିବାକୁ ଚାହୁଁଛି, ଶାନ୍ତି ଖୋଜୁଛି ସେତେବେଳେ ଦେଖୁଛି, ପାଖରେ କେହି ନାହାନ୍ତି । ଯେଉଁ ବାପା, ମାଆଙ୍କର ବାର୍ଦ୍ଧକ୍ୟର ଆଶାବାଡ଼ି ହେବ ବୋଲି ମନ କରିଥିଲା ହାତ ଧରିଲେ ବି ସେମାନେ ଆଉ ଚାଲିବାକୁ ସମର୍ଥ ନୁହଁନ୍ତି । ପରିବାରକୁ ଆଗେଇ ନେବା ପାଇଁ ସ୍ୱପ୍ନଭିଳାଷୀ ଯୁବକଟିର ସମ୍ଭାବନା ହଜି ଯାଉଛି ତଥାକଥିତ ଅନିଶ୍ଚିତତା ଭିତରେ।

♥ ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା

## ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ଛୁରୀ ଓ ଛାୟା : ଶ୍ରୀପ୍ରସାଦୀ ସାହିତ୍ୟର ସ୍ପନ୍ଦିତ ସେତୁ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ





### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

ପ୍ରଜ୍ଞା ଓ ପ୍ରାଣର ଅପୂର୍ବ ସାମଞ୍ଜସ୍ୟ ଆଧୁନିକ ଓଡ଼ିଆ କଥା-ସାହିତ୍ୟର ସୁସଜ୍ଜିତ ଏବଂ ମନନଶୀଳ ସିଂହାସନରେ ପ୍ରଫେସର ଡାକ୍ତର ଶ୍ରୀପ୍ରସାଦ ମହାନ୍ତି ଜଣେ ଅନନ୍ୟ, ପ୍ରଜ୍ଞାବାନ ଏବଂ ପ୍ରତିଶ୍ରୁତିବଦ୍ଧ ପ୍ରତିଭା। ତାଙ୍କ ସୃଜନଶୀଳ ଚେତନାରେ ଜଣେ ନିଷ୍ପାପର ଭେଷଜ ବିଶେଷଜ୍ଞର ଅସ୍ତ୍ରୋପଚାର ଛୁରୀ (Scalpel) ର ସୂକ୍ଷ୍ମତା ଏବଂ ଜଣେ ମାନବବାଦୀ ଦାର୍ଶନିକର କାରୁଣ୍ୟଭରା ଶୀତଳ ଛାୟା ମଧ୍ୟରେ ଏକ ଅପୂର୍ବ, ଅନ୍ତରଙ୍ଗ ସମନ୍ୱୟ ଦେଖିବାକୁ ମିଳେ। ଗ୍ରୀକ୍ ଚିକିତ୍ସାବିତ୍ ହିପୋକ୍ରେଟିସ୍‌ଙ୍କ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ, ଚିକିତ୍ସା ବ୍ୟବସାୟ କେବଳ ଏକ ବୃତ୍ତି ନୁହେଁ ବରଂ ମାନବୀୟ କ୍ଷତ ଏବଂ ଆଶାର ଏକ ପବିତ୍ର ପୀଠ ଭାବେ ପରିଗଣିତ ହୋଇଆସିଛି। ସହାନୁଭୂତି ବିନା ଚିକିତ୍ସା ବିଜ୍ଞାନ ଯେପରି ଯାନ୍ତ୍ରିକ, ସାମର୍ଥ୍ୟ ବିନା ସମବେଦନା ମଧ୍ୟ ସେପରି ଅସମ୍ପୂର୍ଣ୍ଣ। ଏହି ଦୁଇଟି ବିପରୀତ ବୋଲାଉଥିବା ମେରୁ—ବୁଦ୍ଧିଦୀପ୍ତ ବିଜ୍ଞାନ ଏବଂ ହୃଦୟବତ୍ତାର ସାରସ୍ୱତ ସ୍ପନ୍ଦନକୁ ଏକତ୍ର କରି ପ୍ରଫେସର ମହାନ୍ତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଯେଉଁଠି ପାରମ୍ପରିକ ଚିକିତ୍ସା ବିଜ୍ଞାନର ସୀମା ସମାପ୍ତ ହୁଏ, ସେଇଠୁ ତାଙ୍କ ସାହିତ୍ୟର ଆଧାତ୍ମିକ ଓ ସାମାଜିକ ସୌରଭ ସଂଚରିତ ହୁଏ। ସେ କେବଳ ଅସୁସ୍ଥ ଶରୀରର ଶାସ୍ତ୍ର ପଢ଼ନ୍ତି ନାହିଁ ବରଂ ମଣିଷର ଅବଚେତନ ମନ, ମସ୍ତିଷ୍କ ଓ ମାନସିକତାର ଗହନ ଗହ୍ୱରକୁ ଅତି ନିଖୁଣ ଭାବେ ନିରୀକ୍ଷଣ କରନ୍ତି।

### ବିଜ୍ଞାନର ବାସ୍ତବତା ଓ ଆତ୍ମପ୍ରଚାରବିହୀନ ମାନବବାଦ

ଆଜିର ବ୍ୟାବସାୟିକ ଏବଂ ବେଗଗାମୀ ଯୁଗରେ, ଯେଉଁଠି ରୋଗୀ ଓ ଡାକ୍ତରଙ୍କ ସମ୍ପର୍କ କେବଳ ଆର୍ଥିକ ନେଣଦେଣ ମଧ୍ୟରେ ସୀମିତ ହେବାକୁ ବସିଲାଣି, ସେଭଳି ସମୟରେ ଡାକ୍ତର ମହାନ୍ତି ଚିକିତ୍ସା ଜଗତର ସେହି ପ୍ରାଚୀନ ଓ ମହତ୍ ଆଦର୍ଶକୁ ଅକ୍ଷୁଣ୍ଣ ରଖିଛନ୍ତି। ତାଙ୍କର ଦୈନନ୍ଦିନ ଆଚରଣ, ନମ୍ରତା, ଶୃଙ୍ଖଳା ଏବଂ ଭଦ୍ରତା ପ୍ରତିଟି ରୋଗୀ ପାଇଁ ଏକ ମହୌଷଧି ସଦୃଶ। ତାଙ୍କ ଚିକିତ୍ସାଳୟକୁ ଆସୁଥିବା ବ୍ୟକ୍ତି କେବଳ ଔଷଧ ପାଏ ନାହିଁ ବରଂ ପାଏ ଏକ ଅନାବିଳ ମାନସିକ ଆଶ୍ୱାସନା। ତାଙ୍କର ଧୈର୍ଯ୍ୟବାନ ଶ୍ରବଣ ଏବଂ ଆନ୍ତରିକ ଆଳାପ ଭୟଭୀତ ରୋଗୀ ମନରେ ଅପୂର୍ବ ଆତ୍ମବିଶ୍ୱାସ ଭରିଦିଏ, ଯାହା ନିଜେ ଏକ ଚିକିତ୍ସା (Therapeutic) ପ୍ରକ୍ରିୟା।

ଜଣେ ଚିକିତ୍ସକ ଭାବେ ତାଙ୍କର ବୈଜ୍ଞାନିକ ସୂକ୍ଷ୍ମତା ଏବଂ ସାମ୍ପ୍ରତିକ ଜ୍ଞାନକୌଶଳ ସହ ଅପ୍‌ଡେଟ୍ ରହିବାର ଶୈଳୀ ପ୍ରଶଂସନୀୟ। ରୋଗୀର ମଙ୍ଗଳ ପାଇଁ ତାଙ୍କର ଯତ୍ନ ଏତେ ଗଭୀର ଯେ, ସେ ପ୍ରେସକ୍ରିପସନରେ ଭିନ୍ନ ଭିନ୍ନ ରଙ୍ଗୀନ ଚିହ୍ନଟୀକରଣ (Coloured markings) ଏବଂ ସୁସଂଗଠିତ ସୂଚନା ପ୍ରଦାନ କରନ୍ତି, ଯଦ୍ୱାରା ସାଧାରଣ ନିରକ୍ଷର ବା ସ୍ୱଳ୍ପଶିକ୍ଷିତ ଲୋକ ମଧ୍ୟ ଔଷଧ ସେବନର ପ୍ରଣାଳୀ ସହଜରେ ବୁଝିପାରିବେ। କୌଣସି ଆତ୍ମପ୍ରଚାର ବା ଆଡ଼ମ୍ବର ନଥାଇ, ନିରବଚ୍ଛିନ୍ନ ଭାବେ ଜନସେବା କରି ସେ ସମାଜରେ ଅଗାଧ ଜନବିଶ୍ୱାସ ଅର୍ଜନ କରିଛନ୍ତି।

### ସମ୍ପର୍କର ସମୀକରଣ ଓ ପାରିବାରିକ ଆପ୍ତତା

ଶ୍ରୀପ୍ରସାଦୀ ସାହିତ୍ୟର ସବୁଠାରୁ ସ୍ପନ୍ଦିତ ଓ ଆକର୍ଷଣୀୟ ଦିଗ ହେଉଛି— ସମ୍ପର୍କର ଜଟିଳ ସମୀକରଣକୁ ସହଜ ଭାବେ ଉପସ୍ଥାପନ କରିବା। ତାଙ୍କ ମତରେ, ପରିବାର କେବଳ ରକ୍ତର ସମ୍ପର୍କ ନୁହେଁ ବରଂ ଏହା ପାରସ୍ପରିକ ଭାବନା ଓ ଭରସାର ଏକ ଭବ୍ୟ ଭବନ।

**ଲକ୍ଷ୍ମୀ ସହ ଶିକ୍ଷା, ସ୍ୱପ୍ନ ଓ ଶୈଶବର ସମୀକରଣ :**

ଏହି ଗଳ୍ପରେ ସେ ଜଣେ ଆଧୁନିକ ପିତା ଓ ପୁତ୍ରୀର ପବିତ୍ର ଓ ମାର୍ମିକ ସମ୍ପର୍କକୁ ଚିତ୍ରଣ କରିଛନ୍ତି।

**ଭାବଗତ ସୁରକ୍ଷା :**

ସାମ୍ପ୍ରତିକ ଯାନ୍ତ୍ରିକ ସମାଜରେ ପିତାମାତା ସନ୍ତାନକୁ କେବଳ ଏକ ସଫଳ 'ଯୋଜନା' (Project) ଭାବେ ଗ୍ରହଣ କରୁଥିବା ବେଳେ, ଡାକ୍ତର ମହାନ୍ତି ମନେପକାଇ ଦିଅନ୍ତି ଯେ ଶିଶୁଟିଏ ହେଉଛି ଆଶାର ଆଲୋକ ଏବଂ ଆଧାତ୍ମିକ ଆନନ୍ଦର ଅମୂଲ୍ୟ ଉତ୍ସ।

ତାଙ୍କ ଗଳ୍ପର ଚରିତ୍ରମାନେ ଗାର୍ହସ୍ଥ୍ୟ ଜୀବନର ନୀରବ ତ୍ୟାଗ, ଆଶଙ୍କା ଓ ସଂଘର୍ଷକୁ ଅତି ନିକଟରୁ ଅନୁଭବ କରାନ୍ତି। ଡାକ୍ତରଖାନାର ଚେମ୍ବର ତାଙ୍କ ପାଇଁ କେବଳ ରୋଗ ନିରୂପଣର ସ୍ଥାନ ନୁହେଁ ବରଂ ମାନବୀୟ ନାଟକର ଏକ ଜୀବନ୍ତ କାହାଣୀମୟ ରଙ୍ଗମଞ୍ଚ, ଯାହାକୁ ସେ ସୁନ୍ଦର ଭାବେ ଗଳ୍ପରେ ରୂପାନ୍ତରିତ କରନ୍ତି।

### ମନସ୍ତତ୍ତ୍ୱର ମାୟାବୀ ଗହ୍ୱର ଓ ସାମାଜିକ ବିବେକ

ଜଣେ ସଫଳ କଥାକାର ଭାବେ ପ୍ରଫେସର ମହାନ୍ତି ମଣିଷର ଅବଚେତନ ମନର ଅନ୍ଧକାର ଓ ଜଟିଳତାକୁ ଅକ୍ଷରରେ ରୂପାନ୍ତରିତ କରିବାରେ ସିଦ୍ଧହସ୍ତ। 'ଅବୈଧ' ଏବଂ 'ଶ୍ରୀମୁଖେ ପଥର' ଭଳି ଗଳ୍ପଗୁଡ଼ିକରେ ସେ ମାନସିକ ଦ୍ୱନ୍ଦ୍ୱ, ସାମାଜିକ କପଟତା, ବିଚ୍ଛିନ୍ନତା ଏବଂ ଆଧୁନିକ ଜୀବନର ସଂକଟକୁ ଅତି ସାହସର ସହ ଉନ୍ମୋଚିତ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ କିପରି ମୋବାଇଲର ମାୟା, ଡିଜିଟାଲ୍ ଦୁନିଆ ଏବଂ ସାମାଜିକ ଦୂରତ୍ୱ ଆଜିର ମଣିଷକୁ ନିଜ ଆତ୍ମାଠାରୁ ଦୂରେଇ ଦେଇଛି।

ତାଙ୍କର 'ପ୍ରବାସୀ ବନ୍ଧୁ ଓ ଆଭାସୀ ବନ୍ଧୁତା' ଗଳ୍ପରେ ଏହି ଆଧୁନିକ ଅସହାୟତା ଓ ଭାବଗତ ଶୂନ୍ୟତା ଅତି ପ୍ରଖର ଭାବେ ପ୍ରକାଶିତ। ପାରମ୍ପରିକ ସାହିତ୍ୟ ଯେଉଁ ବିଷୟଗୁଡ଼ିକୁ ସ୍ପର୍ଶ କରିବାକୁ ସଂକୋଚ କରେ, ଯଥା— ମାନସିକ ସ୍ୱାସ୍ଥ୍ୟ, ଯୌନ ଶିକ୍ଷା ଏବଂ ବୈଷୟିକ ଏକାକୀତ୍ୱ— ତାକୁ ଡାକ୍ତର ମହାନ୍ତି ନିଜର ଭେଷଜ ଅନୁଭୂତିର ସହାୟତାରେ ଅତ୍ୟନ୍ତ ପ୍ରାମାଣିକ ଭାବେ ଉପସ୍ଥାପନ କରିଛନ୍ତି। 'ବାଟ ଖୋଜୁଥିବା ଲୋକମାନେ' କିମ୍ବା 'ଅରୋଭିଲରେ ସ୍ୱପ୍ନ' ଭଳି ସୃଷ୍ଟିଗୁଡ଼ିକ ମଣିଷର ଅନ୍ତରୀଣ ସ୍ୱରକୁ ଭେଦ କରିବାର ଏକ ଅନନ୍ୟ ଅଭିଯାନ।

### ନାରୀ ଅସ୍ତିତ୍ୱ, ଶିକ୍ଷାର ସଂସ୍କାର ଓ 'Fact to Art' ର ସିଦ୍ଧାନ୍ତ

ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ ସୃଷ୍ଟିରେ ନାରୀ କେବଳ ଏକ ସାଧାରଣ ପାତ୍ରୀ ନୁହେଁ ବରଂ ସେ ପ୍ରଜ୍ଞା, ସଂଗ୍ରାମ ଓ ପ୍ରତିରୋଧର ପ୍ରତୀକ। ତାଙ୍କର ପ୍ରସିଦ୍ଧ ଗଳ୍ପ ସଂକଳନ 'ହଜିଯାଉଥିବା ଝିଅମାନେ' (୨୦୧୦) ରେ ସେ କନ୍ୟାଭ୍ରୂଣ ହତ୍ୟା, ସାମାଜିକ କୁସଂସ୍କାର ଓ ମଧ୍ୟବିତ୍ତ ଶ୍ରେଣୀର ମାନସିକ ଅବକ୍ଷୟ ବିରୁଦ୍ଧରେ ଏକ ଶାଣିତ ସ୍ୱର ଉତ୍ତୋଳନ କରିଛନ୍ତି। ଜନ୍ମରୁ ଜଳିବା ପର୍ଯ୍ୟନ୍ତ ନାରୀର ଯେଉଁ ଯନ୍ତ୍ରଣାଦାୟକ ଯାତ୍ରା, ତାକୁ ସେ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ସମୀକ୍ଷା କରିଛନ୍ତି।

ଅନୁରୂପ ଭାବେ, ଆଧୁନିକ ଶିକ୍ଷା ବ୍ୟବସ୍ଥାର ବ୍ୟାବସାୟିକୀକରଣ ଏବଂ ଅନ୍ଧ ପ୍ରତିଯୋଗିତାକୁ ସେ ତୀବ୍ର ସମାଲୋଚନା କରିଛନ୍ତି, ଯାହା ଶିଶୁର କୋମଳ ଶୈଶବକୁ ନଷ୍ଟ କରିଦେଉଛି। ତାଙ୍କ ସାହିତ୍ୟ ଶୈଳୀର ପ୍ରଧାନ ବୈଶିଷ୍ଟ୍ୟ ହେଉଛି 'Fact to Art' (ତଥ୍ୟରୁ କଳା) ର ରୂପାନ୍ତର। ଚିକିତ୍ସା ଜୀବନର ଦୀର୍ଘ ଅନୁଭୂତିରୁ ସଂଗୃହିତ ତିକ୍ତ ବାସ୍ତବତା ଓ ତଥ୍ୟକୁ ସେ ନିଜର କଳାତ୍ମକ ଲେଖନୀ ଜରିଆରେ ଏକ ମହତ୍ତର ସାରସ୍ୱତ ରୂପ ପ୍ରଦାନ କରନ୍ତି। ତାଙ୍କ ଭାଷା ଅତି ସରଳ, ସୁବୋଧ ଏବଂ ବାହ୍ୟ ଆଡ଼ମ୍ବରଶୂନ୍ୟ, ଯାହା ସିଧାସଳଖ ପାଠକର ହୃଦୟକୁ ସ୍ପର୍ଶ କରେ।

### ସାରସ୍ୱତ କୃତି ସମୂହ : ଏକ ସମୀକ୍ଷାତ୍ମକ ଦୃଷ୍ଟିପାତ

ପ୍ରଫେସର ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କ ସାହିତ୍ୟିକ ସାଧନାର ପରିସର ଅତ୍ୟନ୍ତ ବ୍ୟାପକ। ମାନବୀୟ ମନସ୍ତତ୍ତ୍ୱ, ସାମାଜିକ ପରିବର୍ତ୍ତନ ଓ ନୈତିକ ଚେତନାକୁ ନେଇ ରଚିତ ତାଙ୍କର କେତେକ ପ୍ରତିନିଧି ସ୍ଥାନୀୟ କୃତି ଓ ସେଗୁଡ଼ିକର ପ୍ରକାଶନ ବର୍ଷ ନିମ୍ନରେ ପ୍ରଦତ୍ତ ହେଲା: କୃତିର ନାମ ପ୍ରକାଶନ ବର୍ଷ,ବିଷୟବସ୍ତୁର ମୁଖ୍ୟ ସ୍ୱର(୧)ନିର୍ବାଣର ଆରପାଖେ- ୨୦୦୬, ଅବହେଳିତ ଜୀବନର ସଂଘର୍ଷ ଓ ଆଧାତ୍ମିକ ନିର୍ଯ୍ୟାସ (୨)ହଜିଯାଉଥିବା ଝିଅମାନେ- ୨୦୧୦, ନାରୀ ନିର୍ଯାତନା, କନ୍ୟାଭ୍ରୂଣ ହତ୍ୟା ଓ ସାମାଜିକ କୁସଂସ୍କାର ବିରୋଧୀ ସ୍ୱର (୩)ଥୁଣ୍ଟା ଗଛର ଛାଇ (ଉପନ୍ୟାସ)- ୨୦୧୦, ସମ୍ପର୍କର ଅବକ୍ଷୟ ଏବଂ ଜୀବନର ବାସ୍ତବ ଚିତ୍ରଣ (୪) ପ୍ରବାସୀ ବନ୍ଧୁ ଓ ଆଭାସୀ ବନ୍ଧୁତା- ୨୦୧୦, ଡିଜିଟାଲ୍ ଯୁଗର ଏକାକୀତ୍ୱ ଓ ଆଭାସୀ ସମ୍ପର୍କର ଜଟିଳତା (୫)ଶତାଧିକ ମିନିଗପ- ୨୦୨୨, ସ୍ୱଳ୍ପ ପରିସର ମଧ୍ୟରେ ସମାଜର ବ୍ୟଙ୍ଗାତ୍ମକ ଓ ନୈତିକ ବିଶ୍ଳେଷଣ (୬) ଜିହ୍ୱାଗ୍ରେ ଚା' କପେ- ୨୦୨୨, ଜୀବନର କ୍ଷୁଦ୍ର ଅନୁଭୂତି ଓ ସାଧାରଣ ମଣିଷରଭାବନା (୭) ଭାଗଶେଷ- ୨୦୨୨ ସାମ୍ପ୍ରତିକ ସମାଜରେ ସମ୍ପର୍କର ଅବଶିଷ୍ଟାଂଶ ଓ ମାନସିକ ସ୍ଥିତି (୮)ତୁମେ ଅଛ ବୋଲି-୨୦୨୨, ପ୍ରେମ, ସହାନୁଭୂତି ଓ ମାନବୀୟ ସମ୍ବେଦନାର ସ୍ପନ୍ଦନ (୯) ସମ୍ମୋହନ ଓ ଅନ୍ୟାନ୍ୟ ଗଳ୍ପ -୨୦୨୩, ଅବଚେତନ ମନର ରହସ୍ୟ ଏବଂ ମନସ୍ତାତ୍ତ୍ୱିକ ବିଶ୍ଳେଷଣ (୧୦) ଝିଅ ପାଇଁ ଗପ-ପିତୃତ୍ୱର ଆବେଗ ଏବଂ କନ୍ୟା ସନ୍ତାନ ପ୍ରତି ସ୍ନେହର ଆଲେଖ୍ୟ ।

### ଉପସଂହାର : ଏକ ସାରସ୍ୱତ ସାଧନାର

ପ୍ରଫେସର ଡାକ୍ତର ଶ୍ରୀପ୍ରସାଦ ମହାନ୍ତି କେବଳ ଏକ ବ୍ୟକ୍ତିତ୍ୱ ନୁହନ୍ତି, ସେ ଚିକିତ୍ସା ବିଜ୍ଞାନ ଓ ମାନବୀୟ କାରୁଣ୍ୟର ଏକ ଅନନ୍ୟ ଅନୁଷ୍ଠାନ। ତାଙ୍କ ଚରିତ୍ରରେ ଜଣେ ଆଦର୍ଶ ଚିକିତ୍ସକ (Healer) ଏବଂ ଜଣେ ପ୍ରାଣବାନ ମାନବବାଦୀ (Humanist) ଏକତ୍ର ବିରାଜମାନ। ସେ ସମାଜର କ୍ଷତକୁ କେବଳ ଅସ୍ତ୍ରୋପଚାର ଛୁରୀରେ ଚିହ୍ନନ୍ତି ନାହିଁ ବରଂ କରୁଣାର କୁସୁମରେ ତାକୁ ଶାନ୍ତ କରନ୍ତି। ତାଙ୍କ ଜୀବନ ଓ ସାରସ୍ୱତ ସାଧନା ସମାଜକୁ ଏହି ବାର୍ତ୍ତା ଦିଏ ଯେ ପ୍ରକୃତ ମହାନତା କେବଳ ବୃତ୍ତିଗତ ସଫଳତା ମଧ୍ୟରେ ନାହିଁ ବରଂ ଜ୍ଞାନ, ଦୟା ଓ ଭଲପାଇବା ଦ୍ୱାରା ମଣିଷର ହୃଦୟକୁ ସ୍ପର୍ଶ କରିବାରେ ହିଁ ନିହିତ। ଓଡ଼ିଆ କଥା-ସାହିତ୍ୟର ଆକାଶରେ ସେ ଏକ ମୁକ୍ତ, ସ୍ନିଗ୍ଧ ମେଘ, ଯିଏ ନିଜର ଭାବନାର ସାବଲୀଳ ଭାଷାରେ ପାଠକର ମନକୁ ମନ୍ତ୍ରମୁଗ୍ଧ କରି ରଖିଛନ୍ତି। ତାଙ୍କର ଏହି ମହନୀୟ, ଆଦର୍ଶବାଦୀ ସାରସ୍ୱତ ମାର୍ଗ ଆଗାମୀ ପିଢ଼ି ପାଇଁ ସଦାସର୍ବଦା ଏକ ପ୍ରେରଣାର ପ୍ରଦୀପ ହୋଇ ପ୍ରଜ୍ଜ୍ୱଳିତ ହେଉଥିବ।

♥ କେଶଦୂରାପାଳ, କେଉଁଝର
(ମୋ)୯୯୩୮୧୭୫୧୦୦

# ତିନି ମୁଠି ତଣ୍ଡୁଳ

## ସୁଧାଂଶୁ ଶେଖର ଦ୍ୱିବେଦୀ





ତିନି ମୁଠି ତଣ୍ଡୁଳ? ଆରେ ଇଏ କି ପ୍ରକାର ଉପହାର ସୁଶୀଳା? ମାନୁଛି ଆମେ ଦରିଦ୍ର ହେଲେ ସେ ପରା ସାରା ବ୍ରହ୍ମାଣ୍ଡର ନରେଶ। ନରେଶଙ୍କ ପାଇଁ ତଣ୍ଡୁଳ କିଏ ନେଇଯାଏ? ଦ୍ୱାରିକା ଯିବାପାଇଁ ପ୍ରସ୍ତୁତିରେ ସୁଦାମା ତିନି ମୁଠି ତଣ୍ଡୁଳକୁ ଗାମୁଛା କାନିରେ ବାନ୍ଧୁଥିବା ଅବସ୍ଥାରେ କହିଲେ।

ଉପହାରର ସମ୍ପର୍କ ପ୍ରାପ୍ତ କର୍ତ୍ତାର ଅବସ୍ଥାଠାରୁ ଶ୍ରେଷ୍ଠ ଦାତାର ଭାବନା ହୋଇଥାଏ ସ୍ୱାମୀ। ତାଛଡା ଜଣେ ଭିକ୍ଷୁକ ବ୍ରାହ୍ମଣଙ୍କ ଘରେ ତିନି ମୁଠି ତଣ୍ଡୁଳର ମୂଲ୍ୟ ବ୍ରହ୍ମାଣ୍ଡ ସ୍ୱାମୀ ଶ୍ରୀକୃଷ୍ଣ ବୁଝିପାରିବେ ନାହିଁ ତ ଆଉ କିଏ ବୁଝିପାରିବ? ଆପଣ ନିଶ୍ଚିନ୍ତରେ ଯାଆନ୍ତୁ।

ସୁଶୀଳା ଉକ୍ତ ବ୍ରାହ୍ମଣ କୁଳର ଲକ୍ଷ୍ମୀ। ନିଜ ପରିବାରର ମାନ-ସମ୍ମାନକୁ ପଣତ କାନିରେ ବାନ୍ଧି ଦିନ ବିତାଉଥିବା ଦେବୀ।

କିନ୍ତୁ ସୁଦାମାଙ୍କର ଯୁକ୍ତି ସମାପ୍ତ ହେଉନଥାଏ। ସେ ପୂର୍ବପରି କହି ଚାଲିଥାନ୍ତି- ଆରେ ସୁଶୀଳା! ସେ ପରା ନରେଶ! ଆମକୁ ତା'ର ପଦ-ପ୍ରତିଷ୍ଠା ପ୍ରତି ଧ୍ୟାନ ଦେବାକୁ ପଡିବ କି ନାହିଁ? ତୁମେ ଗୋଟେ କାମ କର...ଏ ତଣ୍ଡୁଳ ଆମ ଘରେ ଥାଉ ମୁଁ ସେମିତି ଖାଲି ହାତରେ ଚାଲିଯିବି।

ମିତ୍ରଙ୍କୁ ସ୍ମରଣ କରିବା ବେଳେ ଯଦି ତାଙ୍କର ସାମର୍ଥ୍ୟ ପ୍ରତି ଧ୍ୟାନ ଲାଗିରହେ ତାହେଲେ ମିତ୍ରତା ପ୍ରଦ୍ୟୁଷିତ ହୋଇଯାଏ ସ୍ୱାମୀ! ଆପଣ ଭୁଲିଯାଆନ୍ତୁ ସେ ଦ୍ୱାରିକାଧୀଶ ଅଟନ୍ତି। କେବଳ ଏତିକି ସ୍ମରଣ ରଖନ୍ତୁ ସେ ଆପଣଙ୍କର ପରମ ମିତ୍ର। ଯାହାଙ୍କ ସହିତ ସାଙ୍ଗ ହୋଇ ଆପଣ ଗୁରୁକୂଳ ଦିନମାନଙ୍କରେ ଭିକ୍ଷାନ୍ନ କରୁଥିଲେ।

ଆରେ ଏ କି ପ୍ରକାର କଥା କହୁଛ ଦେବୀ! ସେସବୁ ପିଲାଦିନ, ପିଲା ମନର ସମ୍ପର୍କ ଥିଲା। ଏବେ ସମୟ ସବୁକିଛି ବଦଳାଇ ଦେଇଛି। ସେଦିନର ଲହୁଣୀ ଚୋର ଏବେ ବିଶ୍ୱର ସର୍ବଶ୍ରେଷ୍ଠ ରାଜା। ସେ ବି ଧର୍ମ ସଂସ୍ଥାପକ, ଏ ଯୁଗର ଦେବତା।

ସୁଦାମାଙ୍କ ପୁରୁଷ ମନ ସାଂସାରିକ ଭେଦ-ଭାବରୁ ମୁକ୍ତ ହୋଇପାରୁ ନଥାଏ।

ସମୟ ସାମାନ୍ୟ ଓ ଅସାମାନ୍ୟ ମନୁଷ୍ୟକୁ ଅଦଳ ବଦଳ କରିଦିଏ।

ହେଲେ ଶ୍ରୀକୃଷ୍ଣଙ୍କ ଭଳି ମହାନାୟକଙ୍କୁ ବଦଳାଇ ପାରେନାହିଁ। ସେ ଗୋଟିଏ ଶରୀର ମଧ୍ୟରେ ଅନେକ ରୂପରେ ବିଦ୍ୟମାନ ହୋଇ ପାରନ୍ତି। ଯାହାଙ୍କୁ ଯେଉଁ ରୂପେ ମିଳି ଯାଆନ୍ତି ତାଙ୍କ ପାଇଁ ସେହି ରୂପରେ ସଦୈବ ଦେଖା ଦିଅନ୍ତି। ତା ହୋଇନଥିଲେ ରାଧା କଣ ଅବିଶ୍ୱାସ କରିବେ ତାଙ୍କ ମୂରଲୀ ମନୋହର ଜଣେ ମହାନ ଯୋଦ୍ଧା, ବିଶ୍ୱର ସର୍ବଶ୍ରେଷ୍ଠ ନରେଶ ନୁହନ୍ତି! ନନ୍ଦ ବାବା କଣ ଅସ୍ୱୀକାର କରିବେ ଆଜି ତାଙ୍କ କହ୍ନେଇ ସାରା ସଂସାରର ପିତା ହୋଇ ନାହାନ୍ତି! ଏବେବି ସେ ବ୍ରଜ ଗୋପୀଙ୍କ ପାଇଁ ସେଇ ଲହୁଣୀ ଚୋର ହୋଇ ରହିଛନ୍ତି। ନନ୍ଦ-ଯଶୋଦାଙ୍କ ପାଇଁ ଏବେବି ସେ ଦୁଷ୍ଟ ବାଳକ ହୋଇ ରହିଛନ୍ତି। ରାଧିକାଙ୍କ ପାଇଁ ଏବେବି ସେ ପ୍ରିୟ ସଖା ହୋଇ ରହିଛନ୍ତି। ସେ ଅର୍ଜୁନଙ୍କ ପାଇଁ ଯାହା ଦ୍ରୌପଦୀଙ୍କ ପାଇଁ ତାହା ନୁହନ୍ତି। ସେ ଗୋକୁଳ ପାଇଁ କହ୍ନେଇ ଦ୍ୱାରିକା ପାଇଁ ଶ୍ରୀକୃଷ୍ଣ। ହସ୍ତିନା ପୁର ପାଇଁ ତାଙ୍କ ରୂପ ଏକ ପ୍ରକାର ତ ମଗଧ ପାଇଁ ଅନ୍ୟ ପ୍ରକାର। ଆପଣ ଥରେ ସେଠିକୁ ଯାଇ ଦେଖନ୍ତୁ ସେ ନିଶ୍ଚିତ ଆପଣଙ୍କୁ ଗୁରୁକୂଳର ସଖା ରୂପେ ଦେଖା ଦେବେ। ଏହା ହିଁ ତାଙ୍କର ବିରାଟତା। ଏହା ହିଁ ତାଙ୍କର ସୌନ୍ଦର୍ଯ୍ୟ। ସୁଶୀଳା ଏମିତି କହି ହେଉଥାନ୍ତି ଯେମିତି କୃଷ୍ଣ ସୁଦାମାଙ୍କର ସଖା ନୁହଁନ୍ତି ସୁଶୀଳାଙ୍କର ସଖା।

ଦୁଃଖ, ଦାରିଦ୍ର୍ୟ ଭିତରେ ସୁଦାମା ମୁହଁରେ ହସ ରଖି କହିଲେ-ଆରେ ଦେବୀ! ତୁମେ ତା' ବିଷୟରେ କେମିତି ଏତେସବୁ ଜାଣିପାରୁଛ?

ସୁଶୀଳା ସ୍ମିତ ହସିଦେଇ କହିଲେ- ପୁରୁଷ ନିଜ ଆଖିରେ ସଂସାରକୁ ଦେଖେ । ମାତ୍ର ଜଣେ ନାରୀ ମନ ଦ୍ୱାରା ସଂସାରକୁ ପରଖିଥାଏ। ପୁରୁଷର ଆଖି ଓ ନାରୀର ମନ ଭିତରେ ବି ବାଧା ଉପୁଜେ। ପରନ୍ତୁ କେବେ ବଦଳି ଯାଏନି।

ସୁଦାମା ତିନି ମୁଠି ତଣ୍ଡୁଳର ପୋଟଳି ଉଠେଇଲେ। ଈଶ୍ୱରଙ୍କୁ ପ୍ରଣାମ କରି ଦ୍ୱାରିକା ଅଭିମୁଖେ ଅଗ୍ରସର ହେଲେ। ସେ ତଥାପି ଜାଣି ନଥିଲେ ଦ୍ୱାରିକାର ସିଂହାସନରେ ବସିଥିବା କହ୍ନେଇ ଆଖିରେ ଆଖିଏ ଅଶ୍ରୁ ଧରି ତାଙ୍କ ପ୍ରତୀକ୍ଷା କରିଥିବ......।

♥ ବିସି-୭୪ ,ସଲ୍ଟ ଲେକ୍
କଲକତା-୬୪
ମୋ-୯୬୮୧୩୭୩୫୧୨

# ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରାଦୀପ , ୧/୮ (ନି.ପ୍ର): ପ୍ରଦୂଷଣ ସଂଖ୍ୟା ଦିନକୁ ଦିନ ପାରାଦୀପରେ ବୃଦ୍ଧି ପାଉଥିବାକୁ ଦୃଷ୍ଟିରେ ରଖି ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୂଖ୍ୟ ଭାବେ ଚନ୍ଦନ, ରୁଦ୍ରାକ୍ଷ, ଅଁଳା ଆଦି ବିଭିନ୍ନ ମୂଲ୍ୟବାନ ଗଛ ଲଗା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ଶଶାଙ୍କ



ଆଚାର୍ଯ୍ୟ, ଆଲୋକ ମହାପାତ୍ର, ତାପସ ମହାନ୍ତି, ଗୌତମ ନାୟକ,ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, କୁଳମଣି ସାହୁ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଗର୍ଭବତୀ ମହିଳାଙ୍କୁ ଓଡ୍ରାଫ୍‌ର ସଫଳ ଉଦ୍ଧାର: ସୁରକ୍ଷିତ ଭାବେ ଚିକିତ୍ସାଳୟକୁ ସ୍ଥାନାନ୍ତର

ଭଦ୍ରକ, ୧/୮ (ନି.ପ୍ର): ପରିସ୍ଥିତି ମଧ୍ୟରେ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର କୁଆଁରୀଛତ୍ର ଗ୍ରାମର ରଞ୍ଜିତା ମହାନ୍ତି (ସ୍ୱାମୀ– ବିକାଶ ମହାନ୍ତି) ପ୍ରସବ ବେଦନା ଅନୁଭବ କରିବା ପରେ ଜିଲ୍ଲା ପ୍ରଶାସନଙ୍କ ସମନ୍ୱୟରେ ଓଡ୍ରାଫ୍ ଟିମ୍ ତାଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି। ଓଡ୍ରାଫ୍ ଟିମ୍ ପ୍ରଥମେ ରଞ୍ଜିତା ମହାନ୍ତିଙ୍କୁ ଉଦ୍ଧାର କରି କେଳାସାହି ଲିଫ୍ଟିଂ ପଏଣ୍ଟକୁ ସୁରକ୍ଷିତ ଭାବେ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବାବେଳେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବନ୍ୟା ସମୟରେ ଜିଲ୍ଲା ପ୍ରଶାସନ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ ଓ ଜରୁରୀକାଳୀନ ସେବା ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଯୋଗୁଁ ଏହି ସଫଳ ଉଦ୍ଧାର ସମ୍ଭବ ହୋଇଛି।

# ଓଲନ୍ଦା ସାରଗାଁ, ଗୋପୀନାଥପୁର ଓ ପରିଖି ପଂଚାୟତର ବନ୍ୟା ପ୍ରଭାବିତ ଅଂଚଳରେ ସ୍ଥିତି ପରିଖିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୧/୮ (ନି.ପ୍ର): ଲଘୁଚାପ ଜନିତ ଉତ୍ତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ବି ଅନେକ ଗ୍ରାମରେ ଜଳବନ୍ଦୀ ହୋଇ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି ଅନେକ ପରିବାର । ବିଗତ ୪ଦିନ ଧରି ସଦର ନିର୍ବାଚନମଣ୍ଡଳୀର ବନ୍ୟା ପ୍ରଭାବିତ ପଂଚାୟତକୁ କେଉଁଠି ବୋଟ ବା ଡଙ୍ଗା ଅଥବା କେଉଁଠି ବାଇକ ଯୋଗେ ପହଂଚି ଲୋକଙ୍କୁ ଆଶ୍ୱସ୍ତି ଦେବା ନେଇ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି କ୍ରମରେ ବିଧାୟକ ଶ୍ରୀ ଦତ୍ତ ଶନିବାର ସକାଳେ ପ୍ରଥମେ ଓଲନ୍ଦାସାରଗାଁ ପଂଚାୟତରେ ବିଭିନ୍ନ ଅଂଚଳର ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ ଆଶ୍ରୟସ୍ଥଳୀରେ ଥିବା ପଂଚାୟତବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ ବିଧାୟକ ଶ୍ରୀ ଦତ୍ତ



ଗୁରୁତ୍ୱାରୋପ କରିଛନ୍ତି । ପରେ ବୁଢାବଳଙ୍ଗ ନଦୀରେ ଭୀଷଣ ବନ୍ୟା ଯୋଗୁଁ ଅଧିକ ପ୍ରଭାବିତ ଗୋପୀନାଥପୁର ପଂଚାୟତର ଟିଆଖିଆ, ଗୋବିନ୍ଦପୁର, ରଣସାହି, ତେଲଡିହ ଓ ହସନପୁର ପ୍ରଭୃତି ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ପୂର୍ବକ ଘରକୁ ଘର ବୁଲି ବିଧାୟକ ଶ୍ରୀ ଦତ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଗୋପୀନାଥପୁର ପଂଚାୟତରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରବିଚ୍ଛିନ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ପରେ ଅନ୍ୟତମ ବନ୍ୟାପ୍ରବଣ ଅଂଚଳ ଗୋପୀନାଥପୁର ପଂଚାୟତର ବାହାର୍ଦ୍ଦା ଗ୍ରାମରେ ପହଂଚିଥିଲେ ବିଧାୟକ ଶ୍ରୀ ଦତ୍ତ । ଏହି ଅବସରରେ ତାଙ୍କ ସହ ସ୍ଥିତି ପରିଖିବା ପାଇଁ ଯାଇଥିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ । ଉଭୟ ବିଧାୟକ ଓ ସାଂସଦ ବାଇକ ଯୋଗେ ଗୋପୀନାଥପୁର ପଂଚାୟତର ଜନଜୀବନ ଏବଂ ଚାଷର କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ବାହାର୍ଦ୍ଦା ଗ୍ରାମର ବନ୍ୟା ପିଡ଼ିତଙ୍କ ସହ ଆଲୋଚନା କରିଥିଲେ । ଗ୍ରାମର ଅଧିକାଂଶ ଘର ଜଳବନ୍ଦୀ ଅବସ୍ଥାରେ ଥିବାରୁ ସ୍ଥାନୀୟ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବା ଉପରେ ଉଭୟ ବିଧାୟକ ଓ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସେମାନେ ବନ୍ୟା ପିଡ଼ିତଙ୍କୁ ରନ୍ଧାଖାଦ୍ୟ ବଂଟନ ସହ ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମେଡିସିନ ଓ ପାନୀୟ ଜଳ ବଂଟନ କରିଥିଲେ । ଶେଷରେ ବିଧାୟକ ଶ୍ରୀ ଦତ୍ତ ପରିଖି ପଂଚାୟତର ବିଭିନ୍ନ ଅଂଚଳ ଗସ୍ତ କରି ବନ୍ୟା ଓ ପ୍ରଭାବିତ ଲୋକଙ୍କ ପୁନର୍ବାସର ସ୍ଥିତି ଅନୁଧ୍ୟାନ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ । ପ୍ରତ୍ୟେକ ବନ୍ୟା ପିଡିତଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ବନ୍ୟା ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରହିବା ଏବଂ ସମସ୍ତ ପ୍ରକାର ସହାୟତା ପହଂଚାଇବା ପାଇଁ ଆମେ ସଦା ତତ୍ପର ରହିଛୁ ବୋଲି ସେ କହିଛନ୍ତି ।


# ତାମିଲନାଡୁରୁ ମୃତ ଶ୍ରମିକଙ୍କ ମୃତଦେହ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ

ବାରିପଦା, ୧/୮ (ନି.ପ୍ର): ତାମିଲନାଡୁରେ ଶ୍ରମିକ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ମୃତଦେହ ଆଣିବାରେ ଅସମର୍ଥ ହୋଇଥିବାରୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ମୃତକ ପରିବାର ପାଇଁ ୧୫ନଂ ୱାର୍ଡ କାଉସିଲର ନିରୂପମା ମହାନ୍ତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଜଣାଇବା ପରେ ଶ୍ରୀ ମହାନ୍ତି, ମୃତକଙ୍କ ପରିବାରଲୋକଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ସାହାଯ୍ୟ ମାଗିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ମୃତଦେହ ଆଣିବାର ପ୍ରତିଶୃତି ଦେଇଛନ୍ତି । ପ୍ରକାଶ ଯେ, ୧୫ନଂ ୱାର୍ଡ ବିଜୟରାମଚନ୍ଦ୍ରପୁର ବାସିନ୍ଦା ଉମାକାନ୍ତ ଗୋଛାୟତ(୪୧) । ଜୁଲାଇ ୨୮ତାରିଖରେ ଶ୍ରମିକ କାମ ପାଇଁ ତାମିଲନାଡୁ



ଯାଇଥିଲେ। ଗୁରୁବାର ରାତି ପ୍ରାୟ ୧୧.୫୦ଟା ସମୟରେ ତାମିଲନାଡୁର ଜଣେ ବ୍ୟକ୍ତି ତାଙ୍କ ପରିବାରକୁ ଫୋନ୍ କରି ଜଣାଇଥିଲେ ଯେ ଉମାକାନ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି ଏବଂ ଚେନ୍ନାଇର ରାଜୀବ ଗାନ୍ଧୀ ସରକାରୀ ସାଧାରଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ଚିକିତ୍ସା ସତ୍ତ୍ୱେ ଉମାକାନ୍ତଙ୍କ ମୃତ୍ୟୁ ଘଟିଛି। ସେ ବିପିଏଲ ପରିବାରର ସଦସ୍ୟ ଥିଲେ। ଆର୍ଥିକ ଅଭାବ ଯୋଗୁଁ ତାଙ୍କ ପରିବାର ତାମିଲନାଡୁରୁ ମୃତଦେହ ଆଣିବାକୁ ସମର୍ଥ ନୁହଁନ୍ତି। ମୃତକଙ୍କ ବୃଦ୍ଧା ମା’ ବିଧବା ପତ୍ନୀ ଓ ୨ପୁଅଝିଅ ଅଛନ୍ତି । ଏହି ଘଟଣାକୁ ନେଇ କାଉନସିଲର ନିରୂପମା ମହାନ୍ତିଙ୍କ ଅନୁରୋଧ କ୍ରମେ ନଗରପାଳ ଉପରୋକ୍ତ ବ୍ୟବସ୍ଥା ପାଇଁ ସହଯୋଗ କରିଛନ୍ତି । ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଯୁବନେତା ସରୋଜ ମହାପାତ୍ର ନଗରପାଳଙ୍କ ସହିତ ଉପସ୍ଥିତ ଥିଲେ । ଉଭୟେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମିତ ଛାତ୍ରାବାସକୁ ସାଂସଦଙ୍କ ଦ୍ୱାରା ଉଦ୍ଘାଟିତ



ନୀଳଗିରି , ୧/୮ (ନି.ପ୍ର): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଅନୁଦାନ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ତଥା ପଛୁଆବର୍ଗ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ନୀଳଗିରିର ମିତ୍ରପୁର ଠାରେ ଥିବା ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ କ୍ୟାମ୍ପସରେ ନିର୍ମିତ ପଛୁଆବର୍ଗ ଛାତ୍ରାବାସର ଶୁଭଉଦ୍ଘାଟନ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ କରକମଳରେ ହୋଇଅଛି । ୨କୋଟି ୮୬ଲକ୍ଷ ଟଙ୍କାରେ ଏହି ଛାତ୍ରାବାସ ନିର୍ମାଣ ହୋଇଅଛି । ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ସମେତ ମହାବିଦ୍ୟାଳୟର ଅଧକ୍ଷ ସ୍ମିତା ମହାପାତ୍ର, ଅଧାପକ ଅମିତ ସାହୁ ଏବଂ ଶତାଧିକ ଛାତ୍ର ଓ ଛାତ୍ରୀ ଉପସ୍ଥିତ ଥିଲେ । ଏହି ଛାତ୍ରାବାସ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପାଇଁ ଉପଯୁକ୍ତ ପରିବେଶ, ନିରାପଦ ଆବାସ ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହେବବୋଲି ସାଂସଦ ମତପ୍ରକାଶ କରିଛନ୍ତି ।

# ଜଳେଶ୍ୱରରେ ଉନ୍ନତ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ

ଜଳେଶ୍ୱର, ୧/୮ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ନିର୍ଦ୍ଦେଶ ଅନୁସାରେ ଏବଂ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉନ୍ନତ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ତଥା ସଚେତନତା କର୍ମଶାଳା ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା



ସିନିଅର ବୈଜ୍ଞାନିକ ଡ.ସ୍ୱାଗତିକା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତ୍ସ୍ୟ ଚାଷୀମାନଙ୍କୁ ଆଧୁନିକ ପ୍ରଣାଳୀରେ ମତ୍ସ୍ୟ ପାଳନ,ସାଇଜିଂ,ସୁଷମ ଖାଦ୍ୟ ପରିଚାଳନା ଏବଂ ବିଭିନ୍ନ ରୋଗ ନିୟନ୍ତ୍ରଣ ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଉପାଧକ୍ଷା ସଞ୍ଚିତା ସେନାପତି ଏବଂ ବ୍ଲକ ମତ୍ସ୍ୟ ଅଧିକାରୀଣୀ ପ୍ରିୟଙ୍କା ସାହୁ, ଜୁନିଅର ଫିସାରି ଟେକ୍ନିକାଲ ଏସିଷ୍ଟେଣ୍ଟ ଦିଲ୍ଲୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ମତ୍ସ୍ୟ ବିକାଶ ଯୋଜନାର ସଫଳ ରୂପାୟନ ଓ ଗ୍ରାମାଞ୍ଚଳରେ ଆତ୍ମନିର୍ଭରଶୀଳତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ଓ ସଭ୍ୟାଙ୍କ ସମେତ ବହୁ ସ୍ଥାନୀୟ ମତ୍ସ୍ୟ ଚାଷୀ ଉପସ୍ଥିତ ରହି ସକ୍ରିୟ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଏହି କର୍ମଶାଳା ବିଶେଷ ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ଶାଗର ମିତ୍ର ତନ୍ମୟ ବ୍ରହ୍ମ ଓ ସତ୍ୟ ପ୍ରକାଶ ସେନାପତି ଉପସ୍ଥିତ ରହି ତାଲିମ ଓ ସଚେତନତା କର୍ମଶାଳାକୁ ସୁ ପରିଚାଳନା କରିଥିଲେ।

## ଏନଏଫଏସ ମେଧାର ପ୍ରତିବନ୍ଧକ...

(ପୃଷ୍ଠା ୫ର ଅବଶିଷ୍ଟାଂଶ) ଚୟନକର୍ତ୍ତାମାନଙ୍କ ଏନଏଫଏସ ପ୍ରୟୋଗ ପାଇଁ କୌଣସି ପ୍ରତିବନ୍ଧକ ନାହିଁ କିମ୍ବା ଇଚ୍ଛାକୃତ ପ୍ରୟୋଗ ପାଇଁ ଉତ୍ତରଦାୟୀ କରିବାର କୌଣସି ବ୍ୟବସ୍ଥା ନାହିଁ। ଏହାର ପ୍ରୟୋଗ ଅନାୟାସରେ ହୋଇଆସିଛି। ଫଳରେ ସଂରକ୍ଷିତ ବର୍ଗ ସଂରକ୍ଷଣ ହାର ମୁତାବକ ସ୍ଥାନ ପୂରଣ କରିପାରୁ ନାହାଁନ୍ତି। ଏହା ଦୁର୍ଭାଗ୍ୟଜନକ।

ଏହା ଏକ ଯୋଜନାବଦ୍ଧ ସୋପାନ ଯେ ପ୍ରଥମେ ଏନଏଫଏସ ମାଧ୍ୟମରେ ସଂରକ୍ଷିତ ବର୍ଗର ଆସନକୁ ଫାଙ୍କା ରଖ ଓ ପରେ ଏହି ପଦବୀରେ ସାଧାରଣ ବର୍ଗର ପିଲାଙ୍କୁ ନିଯୁକ୍ତି ଦିଅ। ଏପରି କ୍ଷେତ୍ରରେ ସଂରକ୍ଷଣ ଏକ ପ୍ରହସନରେ ପରିଣତ ହୁଏ। ତେଣୁ ଅନେକ ସଂଗଠନ ଓ ରାଜନେତା ଏନଏଫଏସ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା ଆରମ୍ଭ କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣରୂପେ ହଟାଇ ଦିଆଯାଉ, ମୌଖିକ ପରୀକ୍ଷାକୁ ଉଠାଇ ଦିଆଯାଇ ଲିଖିତ ପରୀକ୍ଷା ଉପରେ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଉ ଅଥବା ଚୟନ କମିଟିରେ ସମସ୍ତ ବର୍ଗର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ରହୁ। ଏହା ସହିତ ଫାଙ୍କା ପଦବୀଗୁଡ଼ିକରେ ସାଧାରଣ ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ସଂରକ୍ଷିତ ବର୍ଗ ପାଇଁ ତାହା ଉଦ୍ଦିଷ୍ଟ ରହୁ(ବେକ୍ ରୋଲ) ବୋଲି ଦାବି ହେଉଛି। ସମସ୍ତ କ୍ଷେତ୍ରରେ ଉଦ୍ଦିଷ୍ଟ ସଂରକ୍ଷଣ ହାରକୁ ପୂରଣ କରିବାର ପ୍ରୟାସ ହେଲେ ସଂରକ୍ଷଣ ବ୍ୟବସ୍ଥାର ଉପଯୋଗୀତା ସ୍ପଷ୍ଟ ଉପଲବ୍ଧି ହୋଇପାରିବ ଓ ଅନଗ୍ରସର ସମାଜ ଆଗକୁ ବଢ଼ିବାର ସୁଯୋଗ ପାଇବ।

+ ଅବସରପ୍ରାପ୍ତ ଅଧ୍ୟାପକ, ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ- ୭୫୭୦୦୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକା-ଇସ୍ରାଏଲକୁ ଇରାନର...

ଇରାନ ଟାର୍ଗେଟରେ ବାହାରିନର ସିତାରାହ ରିଫାଇନାରୀ ଏବଂ ଅଲ୍-ମିହାଜ୍ ତଥା ଇସ୍ରାଏଲର ଲେଭିଆଥାନ ଏବଂ ତାମର ଗ୍ୟାସ କ୍ଷେତ୍ର ରହିଛି । ସାମରିକ ବିଶ୍ଳେଷକମାନଙ୍କ ଅନୁସାରେ, ଯଦି ଇରାନ ଏହି ଘାଟିଗୁଡ଼ିକ ଉପରେ ଆକ୍ରମଣ କରେ, ତେବେ ଏହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଅଶୋଧିତ ତୈଳ ମୂଲ୍ୟ ବିଶ୍ୱବ୍ୟାପୀ ଆକାଶଛୁଆଁ ହେବ, ଯାହା ବିଶ୍ୱ ଅର୍ଥନୀତି ଏବଂ ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିବ । ଇରାନ ସ୍ପଷ୍ଟ କରିଛି ଯେ ଏହାର କ୍ଷେପଣାସ୍ତ୍ରଗୁଡ଼ିକ ଏହି ସମସ୍ତ ଘାଟିଗୁଡ଼ିକୁ ସଠିକ୍ ଭାବରେ ଟାର୍ଗେଟ କରିବାକୁ ସକ୍ଷମ ।

### ରାଜ୍ୟ କ୍ୟାବିନେଟ...

ଜଳସେଚନ ଏବଂ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ” ଏହି ୯ଟି ପ୍ୟାକେଜ ମଧ୍ୟରୁ ଅନ୍ୟତମ। ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମନ୍ତେ ୧୪୫,୭୦,୮୯,୮୦୨ (ଏକ ଶହ ପଇଁଚାଳିଶ କୋଟି ସତୁରୀ ଲକ୍ଷ ଅଣନବେ ହଜାର ଆଠ ଶହ ଦୁଇ ଟଙ୍କା) ଏବଂ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ୭,୩୦,୦୦,୧୯୯ (ସାତ କୋଟି ତିରିଶି ଲକ୍ଷ ଏକ ଶହ ଅନେଶ୍ୱତ ଟଙ୍କା)ର ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲ୍ଲାର ସୋରୋ ଓ ଔପଦା ବ୍ଲକର ୭,୧୭୧.୭୭ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ସ୍ଥାନୀୟ ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ମଧ୍ୟ ସହାୟକ ହେବ। ଯୋଜନା ପାଇଁ ପ୍ରାୟ ୨୨୦୦.୦୦ କୋଟି ଟଙ୍କା ବ୍ୟବସ୍ଥା କଲେ ରାଜ୍ୟ ସରକାର। ୨୦୨୨-୨୩ ରୁ ୨୦୨୬-୨୭ ପର୍ଯ୍ୟନ୍ତ ଆଉ ୫ ଆର୍ଥିକ ବର୍ଷ ପାଇଁ ଯୋଜନାର ସଂପ୍ରସାରଣ। ଏହି ଅବଧି ମଧ୍ୟରେ ୩,୨୯,୦୦୦ ଜଣ କୃଷକଙ୍କୁ ଉପକୃତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରାକ୍ଟର, ପାୱାର ଟିଲର, ରିପର, ରୋଟାଭେଟର ଓ କମ୍ବାଇନ ହାର୍ଭେଷ୍ଟର ଭଳି ଯନ୍ତ୍ରପାତି ଉପରେ ମିଳୁଛି ଆର୍ଥିକ ସହାୟତା। ୨୦୧୨-୧୩ ରୁ ୨୦୨୧-୨୨ ମଧ୍ୟରେ ୬,୫୪,୬୬୪ ଜଣ କୃଷକ ପାଇସାରିଛନ୍ତି ଯୋଜନାର ଫାଇଦା।

### ଓଡ଼ିଶାକୁ ୫୦୦...

ଆବଶ୍ୟକ ସ୍ଥଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ପୂର୍ବ-ମୁତୟନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲଜିଷ୍ଟିକାଲ୍ ସହାୟତା ସମେତ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଇଛନ୍ତି। କ୍ଷୟକ୍ଷତିର ଆକଳନ କରିବା ପାଇଁ ଅରୁଣାଚଳ ପ୍ରଦେଶ ଏବଂ ଆସାମକୁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମ୍‌ସିଟି) ଗସ୍ତ କରିଛନ୍ତି। ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆସାମ ପାଇଁ ଦୁଇଟି କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି। ସେହିପରି ନାଗାଲାଣ୍ଡ ସରକାରଙ୍କ ଅନୁରୋଧ କ୍ରମେ ସେହି ରାଜ୍ୟ ପାଇଁ ମଧ୍ୟ ଗୋଟିଏ କେନ୍ଦ୍ରୀୟ ଗଠନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଏହି ବିବୃତ୍ତିରେ ସୂଚିତ କରାଯାଇଛି। ଏହା ବ୍ୟତୀତ, ରିଲିଫ୍ ସମ୍ବନ୍ଧୀୟ ସମ୍ବଳର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପ୍ରଯୁଜ୍ୟ ନିର୍ଦ୍ଦେଶାବଳୀ ଅଧୀନରେ ଥିବା ନଥିପତ୍ର ଆବଶ୍ୟକତାକୁ କୋହଳ କରି ଅରୁଣାଚଳ ପ୍ରଦେଶ, ଆସାମ, ଗୁଜରାଟ ଏବଂ ମହାରାଷ୍ଟ୍ର ଏସ୍‌ଡିଆରଏଫ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିର ଅଗ୍ରିମ ରାଶି ମଧ୍ୟ ମଞ୍ଜୁର କରାଯାଇଛି। ପ୍ରଭାବିତ ରାଜ୍ୟଗୁଡ଼ିକ ପାଇଁ ମଞ୍ଜୁର ହୋଇଥିବା ସହାୟତା ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ଏସ୍‌ଡିଆରଏଫ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିକୁ ଅଗ୍ରୀମ ଭାବେ ଅରୁଣାଚଳ ପ୍ରଦେଶକୁ ପ୍ରଦାନ କରାଯାଇଛି। ଏହାର ପରିମାଣ ୪୪.୫୫ କୋଟି ଟଙ୍କା। ସେହିପରି ପ୍ରଥମ କିସ୍ତୀର ଅଗ୍ରୀମ ଭାବେ ଆସାମକୁ ୩୭୯.୩୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଗୁଜରାଟ ପାଇଁ ୫୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ୨୦୨୬-୨୭ ଏସ୍‌ଡିଆରଏଫ୍ ପାଇଁ ପ୍ରଥମ କିସ୍ତି ପାଇସାରିଥିବା ହିମାଚଳ ପ୍ରଦେଶକୁ କେନ୍ଦ୍ରୀୟ ଭାଗର ଦ୍ୱିତୀୟ କିସ୍ତିର ଅଗ୍ରୀମ ଭାବେ ୧୯୩.୯୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମହାରାଷ୍ଟ୍ର ପାଇଁ ପ୍ରଥମ କିସ୍ତିର ଅଗ୍ରୀମ ଭାବେ ୫୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏହି ଅନୁମୋଦନ ସହିତ, ବନ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକର ଚାଲୁ ରହିଥିବା ରିଲିଫ୍ ଏବଂ ପ୍ରତିକ୍ରିୟାମୂଳକ ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ମୋଟ ୨,୧୧୭.୮୫ କୋଟି ଟଙ୍କା ଉପଲବ୍ଧ କରାଯାଇଛି।

### ଆକାଶମାର୍ଗରୁ ବନ୍ୟାଞ୍ଚଳ....

ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲିଟୀକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୭ଟି ଡଉଜଇର, ୭ଟି ଘଉଜର ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ।

### ସୁଧୁରୁଛି ବନ୍ୟା ସ୍ଥିତି: କମୁଛି ମହାନଦୀ...

ଏପର୍ଯ୍ୟନ୍ତ ରାଜ୍ୟରେ ୩୨୫୨୪ ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହୋଇଛି। ଯେଉଁଥିରେ ଯାଜପୁର ଜିଲ୍ଲାରେ ସର୍ବାଧିକ ୨୫୦୮୧ହେକ୍ଟର, ମୟୂରଭଞ୍ଜରେ ୩୭୫୪ ହେକ୍ଟର ଓ ଖୋର୍ଦ୍ଧା ଜିଲ୍ଲାରେ ୩୬୮୯ହେକ୍ଟର ଚାଷ ଜମି ରହିଛି। ଅନ୍ୟ ଜିଲ୍ଲାଗୁଡ଼ିକରୁ ତଥ୍ୟ ଆସିଲେ ଏହି ପରିମାଣ ଅଧିକ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିପରି ବନ୍ୟା ଯୋଗୁ ମୋଟ ୯୬୯ଟି ବାସଗୃହ ନଷ୍ଟ ହୋଇଯାଇଛି। ଯେଉଁଥିରେ କଟକ ଜିଲ୍ଲାରେ ସର୍ବାଧିକ ୩୫୨ ଓ ମୟୂରଭଞ୍ଜ ଜିଲ୍ଲାରେ ୩୪୬ଟି ବାସଗୃହ ରହିଛି। ସେହିପରି ୮୦ହଜାରରୁ ଅଧିକ କୁକୁଡ଼ା ସମେତ ୫ଟି ବଡ଼ ଗୋରୁ ଓ ୧୨୦ଟି ଛୋଟ ଗୃହପାଳିତ ଜୀବଜନ୍ତୁ ପ୍ରାଣ ହରାଇଛନ୍ତି। ଉପରମୁଣ୍ଡରେ ଓ ରାଜ୍ୟରେ ବର୍ଷା କମିବା ସହ ନଦୀଗୁଡ଼ିକରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବାରୁ ବନ୍ୟା ସ୍ଥିତିରେ ସୁଧାର ଆସୁଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ନରାଜଠାରେ ମହାନଦୀର ବିପଦ ସଙ୍କେତ ୨୬.୪୧ ମିଟର ଥିବାବେଳେ ଜଳସ୍ତର କମି ୨୫.୭୮ ମିଟରରେ ପହଂଚିଛି। ଆଳିପିଙ୍ଗଳଠାରେ ଦେବୀ ନଦୀର ଜଳସ୍ତର ୯.୧୦ ମିଟର (ବିପଦ ସଙ୍କେତ ୧୧.୭୬ ମିଟର), ନିମାପଡ଼ାଠାରେ କୁଶଭଦ୍ରା ୮.୪୦ ମିଟର (ବିପଦ ସଙ୍କେତ ୧୦.୭୬ ମିଟର), ସୁନ୍ଦରଗଡ଼ଠାରେ ଇବ୍ ୨୧୭.୩୧ ମିଟର, ଜେନାପୁରଠାରେ ବ୍ରାହ୍ମଣୀ ୨୦.୩୭ ମିଟର (ବିପଦ ସଙ୍କେତ ୨୩.୦୦ ମିଟର), ଆଖୁଆପଦାଠାରେ ବୈତରଣୀ ୧୭.୪୧ ମିଟର (ବିପଦ ସଙ୍କେତ ୧୮.୩୩ ମିଟର) ଏବଂ ଆନନ୍ଦପୁରଠାରେ ୩୪.୨୫ ମିଟର ରହିଛି।

### ପେପର ଲିକ୍ ବିରୋଧୀ...

ଏହି ବିଲ୍ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବ। ଜାରି ହୋଇଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ ଆଇନ ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତି ଚଳିତ ସପ୍ତାହର ଆରମ୍ଭରେ ସଂସଦର ଉଭୟ ଗୃହ ଦ୍ୱାରା ମଞ୍ଜୁରୀ ପାଇବା ପରେ ପବ୍ଲିକ୍ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬କୁ ଅନୁମୋଦନ କରିଛନ୍ତି। ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା। ବିଲ୍ ଗୃହୀତ ହେବା ପରେ, ଶିକ୍ଷା ମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟରେ କହିଥିଲେ ଲୋକସଭା ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାସ୍ କରିଛି, ଯାହା ପରୀକ୍ଷା ତ୍ରୁଟିର ସମାଧାନ ପାଇଁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରିବ।

ରବିବାର, ଅଗଷ୍ଟ ୦୨, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସ୍ୱାସ୍ଥ୍ୟସେବାର ବିଭିନ୍ନ ସମସ୍ୟା ନେଇ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବସ୍ତା ୧/୮(ନିପ୍ର):ବସ୍ତା ମେଡିକାଲ କ୍ରିୟା ଅନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ବସ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସ୍ତା ଶାଖା କମିଟି ପକ୍ଷରୁ ବସ୍ତା ମୁଖ୍ୟ ସରକାରୀ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ଖାଲି ପଡ଼ି ଥିବା ପଦ ପଦବିରେ ଡାକ୍ତର ନର୍ସ ଓ କର୍ମଚାରୀ ପୁରଣ,ଟ୍ରମା ସେଣ୍ଟର ଖୋ, ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩ ଶହ ଶର୍ଯ୍ୟା ବିଶିଷ୍ଟ କରିବା। ରୋଗୀ ମାନଙ୍କୁ ଉନ୍ନତ ମାନର ସେବା ଯୋଗାଇବା ଦେବା ଓ ୫ ଦଫା ସମ୍ମିଳିତ ଦାବିପତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ: ହିମାଂଶୁ ଶେଖର ପଲେଇଙ୍କୁ ମୁଖ୍ୟମନ୍ତ୍ରୀ ଓ ସିଡିଏମଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବସ୍ତା ମେଡିକାଲ କ୍ରିୟା ଅନୁଷ୍ଠାନ କମିଟିର ସଭାପତି ମନୋଜ କୁମାର ମହାନ୍ତି,ଉପସଭାପତି ଶଙ୍କର କୁମାର କର,ବାଲେଶ୍ୱର ଜିଲ୍ଲା ମେଡ଼ିକାଲ କ୍ରିୟା ଅନୁଷ୍ଠାନ କମିଟିର ଉପସଭାପତି କୁମୁନ୍ଦ ରଞ୍ଜନ ଗିରି। ସତ୍ୟ ନାରାୟଣ ଗୁପ୍ତା,ସୁଧାଂଶୁ ଶେଖର ଯେନା,ଅନିଲ ମହାନ୍ତି,ରବିନ୍ଦ୍ର ଦାସ,ବାବୁ ପାଣି। ଉପ ଦେଷ୍ଟା ସାମ୍ବାଦିକ ବିଜୟ କୁମାର ଭୂୟାଁ,କମଲ ଲୋଚନ ବାରିକ, ଶଙ୍କର ଜେନା , ଦେବାଶିଷ କର ଅନ୍ତଯ୍ୟାମି ରାଉଳ ସମେତ ବହୁ ସ୍ଥାନୀୟ ବୁଦ୍ଧିଯିବି ଉପସ୍ଥିତ ରହି ଦାବୀପତ୍ର ପ୍ରଦାନ କରିଥିଲେ।



## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରକ, ୧/୮ (ନି.ପ୍ର): ଭଦ୍ରକ ବ୍ଲକ ଜଗଦଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରସତିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାଗିରଥି ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଗଦଳପୁର ଗ୍ରା.ପ.ର ସରପଞ୍ଚ ତିଳୋତ୍ତମା ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଜୟ କୁମାର ମହାପାତ୍ର, ସାଧନ କେନ୍ଦ୍ର ସଂଯୋଜକ ପିତାମ୍ବର ମିଶ୍ର ଏବଂ ମୁଖ୍ୟବକ୍ତା ଗାୟତ୍ରୀ ପରିବାରର ପରିଜନ କେଦାରନାଥ ମହାପାତ୍ର ତଥା ପରିଚାଳନା କମିଟିର ସଭାପତି ପ୍ରମୋଦ ମଲ୍ଲିକ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମଲ୍ଲିକ ସହଯୋଗ କରିଥିଲେ । ସମସ୍ତ ଅତିଥି ଓ ବକ୍ତାମାନେ ଶ୍ରୀମତୀ ମିଶ୍ରଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ । ଏହା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରଧାନଶିକ୍ଷୟିତ୍ରୀ ନମିତା କର ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ବିଦ୍ୟାଳୟର ପୁରାତନ ଓ ନୂତନ କମିଟିର ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ସଭାସାଙ୍ଗ ହେଲାପରେ ଶ୍ରୀମତୀ ମିଶ୍ରଙ୍କୁ ଏକ ବିରାଟ ପଟୁଆରରେ ଛାତ୍ରଛାତ୍ରୀ, ଶୁଭେଚ୍ଛୁ ଓ ଗ୍ରାମବାସୀମାନେ ଗ୍ରାମ ପରିକ୍ରମା ପରେ ବାସଗୃହରେ ନେଇ ଛାଡିଥିଲେ।

## ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲେ ସମାଜସେବୀ ମାନସ ପରିଡା



ଭଦ୍ରକ / ଅସୁରାଳି, ୧/୮ (ନି.ପ୍ର): ବନ୍ୟା ଦୁର୍ଦ୍ଦଶାରେ ପ୍ରପୀଡ଼ିତ ହୋଇପଡ଼ିଥିବା ଗ୍ରାମବାସୀଙ୍କ ଦୁଃଖ ସମୟରେ ବନ୍ଧୁ ସାଜି ଠିଆ ହୋଇଛନ୍ତି ଯୁବ ସମାଜସେବୀ ମାନସ ପରିଡା ଓ ରଜତ ଲେଙ୍କା । ଧାମନଗର ବ୍ଲକ୍ ଅନ୍ତର୍ଗତ ଖପରପଦା ଓ ଅସୁରାଳି ପଞ୍ଚାୟତର ବନ୍ୟାପ୍ଲାବିତ ଅଞ୍ଚଳରେ ଯୁବ ସମାଜସେବୀ ମାନସ ପରିଡ଼ା ଓ ରଜତ ଲେଙ୍କା ନିଜ ଜୀବନକୁ ବାଜି ଲଗାଇ ମାନବିକତାର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଓ ଖପରପଦା ପଞ୍ଚାୟତ ସମେତ ଅସୁରାଳି ପଞ୍ଚାୟତର ତୁରୁମତିଆ ଓ ହାତିଆପଡ଼ା ଆଦି ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଥିଲା । ଅନେକ ପରିବାର ପାଣି ଘେରରେ ବନ୍ଦୀ ହୋଇ ରହିବା ସହ ଖାଦ୍ୟଓ ପାନୀୟ ପାଇପାରୁନଥିଲେ ଓ ଏହି ଖବର ପାଇବା ପରେ ଯୁବ ସମାଜସେବୀ ମାନସ ପରିଡ଼ା ଓ ରଜତଲେଙ୍କା ନିଜେ ଛାତିଏପାଣିରେ ପଶି, ବିପଦକୁ ଖାତିରନକରିତୁରୁମତିଆ ଓ ହାତିଆପଡ଼ା ଅଂଚଳର ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଥିଲେ । ସେମାନେ ପ୍ରଭାବିତ ପରିବାର ଗୁଡ଼ିକୁ ଚୁଡ଼ା, ଗୁଡ଼, ବିସ୍କୁଟ, ପାନୀୟ ଜଳ ଓ ଅନ୍ୟାନ୍ୟ ଶୁଖୁଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

## ହ୍ୟୁମାନ ରାଇଟ୍ସ କ୍ଲିନିକ, ବାରିପଦା ଶାଖାର ସଚେତନତା ଶିବିର

ବାରିପଦା, ୧/୮ (ନି.ପ୍ର): ଆଜି ହ୍ୟୁମାନ ରାଇଟସ କ୍ଲିନିକ, ବାରିପଦା ଶାଖାର ସଚେତନତା ଶିବିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବସନ୍ତପୁର, ବାରିପଦା ଠାରେ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟର ଅଧ୍ୟକ୍ଷ୍ୟ ଗୌରୀ ଶଙ୍କର ଅଧକ୍ଷତଓରେ ସଚେତନତା ଶିବିର ପରିଚାଳନା ହୋଇଥିଲା ଓ ସ୍ୱରୂପ କୁମାର ବଶା, ମହାସଚିବ, ହ୍ୟୁମାନ ରାଇଟସ କ୍ଲିନିକ, ଓଡିଶା ଓ ସଭାପତି ହ୍ୟୁମାନ ରାଇଟସ କ୍ଲିନିକ, ବାରିପଦା ମାନବିକ ଅଧିକାର ଏହାର ସୁରକ୍ଷା ଏବଂ ନାଗରିକ ମାନଙ୍କର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ଓ ବଜ୍ରପାତ ଜନିତ ଅଘଟଣରୁ ବଞ୍ଚିବାପାଇଁ କେଉଁସବୁ୍ଧି ଓ ପ୍ରାରମ୍ଭିକ ପଦ୍ଧତି ଆବଶ୍ୟକ ସବିଶେଷ ସୂଚନା



ପ୍ରଦାନ କରିଥିଲେ । ଦେବାଶିଷ ଦାସ, କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ସଡ଼କ ସୁରକ୍ଷ୍ୟା, ମୋବାଇଲ ଫୋନର ଅନୁପଯୁକ୍ତ ବ୍ୟବହାରତା, ପଲିଥିନ ବ୍ୟାଗ ବା ଥଳି ବ୍ୟବହାର ଅପକାରିତା ଉପରେ ଅଭିଭାଷଣ ରଖିଥିଲେ ଓ ଉପ-ସଭାପତି ଦିଲ୍ଲୀପ ଦାସ ଶର୍ମା ଜଳର ଆବଶ୍ୟକତା, ଏହାର ଅପଚୟ କେଉଁ ଭାବରେ ରକାଯାଇପାରିବ ଓ ଆବଶ୍ୟକ ଜଳ ବ୍ୟବହାର କରି କିପରି ଭବିଷ୍ୟତ ପାଇ ଭୁଜଳ ସଂରଖିତ କରାଯାଇ ପାରିବ ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ ଓ ସଭାପତି ମୂର୍ଚ୍ଛନା ଦାସ ପଟନାୟକ ଛାତ୍ର ଓ ଛାତ୍ରୀ ମାନଙ୍କର ମଓନସିକ ବିକାଶ, ସ୍ୱଚ୍ଛତା ଓ ସମାଜରେ ନିଜକୁ ଜଣେ ଶ୍ରେଷ୍ଠ ନାଗରିକ ଭାବରେ ପରିଚୟ କରିବାପାଇଁ ଉଦବୋଧନ ଦେଇଥିଲେ ଓ ସର୍ବପରି ଶୋଭନା ସାହୁ, ସହ - କୋଷଧକ୍ୟ ଓ ନମିତା ସେଠି, ବରିଷ୍ଟ ସଦସ୍ୟ ଛାତ୍ର ଓ ଛାତ୍ରୀ ମାନଙ୍କର ଗୁରୁ ମାନଙ୍କର ଭୂମିକା ଉପରେ ଆଲୋକପଓତ କରିଥିଲେ ଓ ଶେଷରେ ବିଦ୍ୟାଳୟ ତରଫରୁ ଶିକ୍ଷକ ଗୌରୀ ଶଙ୍କର ସହଓ ଧନ୍ୟବାଦ ଅର୍ପଣ କରାଯାଇ ସଚେତନଓ ଶିବିର ଭଙ୍ଗ କରାଯାଇଥିଲା ।

## ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଅନିରୁଦ୍ଧ ବିକ୍ରମ ସିଂହ

ପାରାଦୀପ, ୧/୮ (ନି.ପ୍ର): ଅନିରୁଦ୍ଧ ବିକ୍ରମ ସିଂହ ଅଗଷ୍ଟ ୧, ୨୦୨୬ ରୁ ଇଫକ୍କୋ ପାରାଦୀପ ୟୁନିଟ୍‌ରେ ୟୁନିଟ୍ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇଫକ୍କୋ ପାରାଦୀପ ୟୁନିଟ୍‌ର ୟୁନିଟ୍ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀଯୁକ୍ତ ସିଂହ ଇଫକ୍କୋ କାଣ୍ଡଲା ୟୁନିଟ୍‌ର ୟୁନିଟ୍ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ଜଣେ ଯାନ୍ତ୍ରିକ ଇଞ୍ଜିନିୟରିଂ ସ୍ନାତକ, ଶ୍ରୀ ସିଂହ ଇଫକ୍କୋରେ ସ୍ନାତକ ଇଞ୍ଜିନିୟର ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ ଏବଂ ପ୍ରାୟ ତିନି ଦଶନ୍ଧି ଧରି ସଂଗଠନ ସହିତ ଜଡିତ ଅଛନ୍ତି। ବର୍ଷ ବର୍ଷ ଧରି, ସେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ପ୍ଲାଣ୍ଟ କମିଶନିଂ, ପରିଚାଳନା ଏବଂ ଜଟିଳ ସାର ଉତ୍ପାଦନ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣରେ ବ୍ୟାପକ ବିଶେଷଜ୍ଞତା ସୃଷ୍ଟି କରିଛନ୍ତି। ବରିଷ୍ଠ ମହାପ୍ରବନ୍ଧକ ଭାବରେ, ଶ୍ରୀ ସିଂହ ଇଫକ୍କୋ ପାରାଦୀପରେ ଜଟିଳ ସାର



ଉତ୍ପାଦନ ୟୁନିଟ୍‌ର ନେତୃତ୍ୱ ନେବେ। ତାଙ୍କର ବିପୁଳ ଅଭିଜ୍ଞତା ଏବଂ ପ୍ରମାଣିତ ନେତୃତ୍ୱ ଭାରତର ସର୍ବବୃହତ ସମନ୍ୱିତ ଫସଫେଟିକ୍ ସାର କମ୍ପ୍ଲେକ୍ସ ମଧ୍ୟରୁ ଗୋଟିଏରେ କାର୍ଯ୍ୟକ୍ଷମ ଉତ୍କର୍ଷତା, ଉଦ୍ଭିଦ ନିର୍ଭରଯୋଗ୍ୟତା, ସୁରକ୍ଷା, ଉତ୍ପାଦକତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍ ହେଉଛି ଏକ ସମନ୍ୱିତ ଫସଫେଟିକ୍ ସାର କମ୍ପ୍ଲେକ୍ସ ଯାହାର ବାର୍ଷିକ ଉତ୍ପାଦନ କ୍ଷମତା (୧.୯୨) ନିୟୁତ ମେଟ୍ରିକ୍ ଟନ୍ ଡିଏପି/ଏନପି/ଏନପିକେ ଗ୍ରେଡ୍ ସାର। ଏହି ୟୁନିଟ୍ ରେ ବିଶ୍ୱର ସର୍ବବୃହତ ଏକକ-ଧାରାର ଫସଫେଟିକ୍ ଏସିଡ୍ ପ୍ଲାଣ୍ଟ ଏବଂ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ମଧ୍ୟ ରହିଛି, ଯାହା ସାର ଉତ୍ପାଦନ ପାଇଁ ପଛୁଆ ସମନ୍ୱୟ ସୁବିଧା ଭାବରେ କାର୍ଯ୍ୟ କରେ।

## ଜନ୍ମଦାତା ବାପା ପାଇଁ ପାଗଳ ହେଉଛି କୁନି ଝିଅ: ସିଡବ୍ଲ୍ୟୁସିର ଭୁଲ ନିଷ୍ପତ୍ତି ପାଇଁ ଝିଅ ଏବେ ଆଶ୍ରମରେ

### ଝିଅକୁ ନ୍ୟାୟ ଦେବାପାଇଁ ଆଶ୍ରମରେ ପହଁଚିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି, ୧/୮ (ନି.ପ୍ର): ଜନ୍ମଦାତ୍ରୀ ମାଆ ପରପୁରୁଷ ସହିତ ଗତ ତିନିବର୍ଷ ଆଗରୁ ଦ୍ୱିତୀୟ ବିବାହ କରିଥିବା ବେଳେ ଶିଶୁ କନ୍ୟାଟି ଜନ୍ମଦାତା ବାପାପାଖରେ ରହିଆସୁଥିଲା। ତେବେ ଝିଅକୁ ନିଜ ପାଖରେ ନେଇ ରଖିବାପାଇଁ ଜନ୍ମଦାତ୍ରୀ ମାଆ ଚାଇଲ୍ଡ ହେଲ୍ପଲାଇନଙ୍କ ଠାରେ ଅଭିଯୋଗ କରିଆସୁଥିଲେ। ମାଆର ଅଭିଯୋଗ ଅନୁସାରେ ସିଡବ୍ଲ୍ୟୁସି ଝିଅକୁ ବାପଘରୁ ଉଠାଇଆଣି ଏକ କନ୍ୟାଶ୍ରମରେ ରଖିବାପରେ ଝିଅ ଏବେ ବାପାଙ୍କ ପାଖରେ ରହିବାପାଇଁ ଆଶ୍ରମଭିତରେ ବାହୁନି ବାହୁନି କାନ୍ଦୁଛି। ସୂଚନା ମୁତାବକ ଗତ ଜୁଲାଇ ୨୧ତାରିଖରେ ଝିଅଟି ଗାଁରେ ସାଗଂପିଲାଙ୍କ ସହ ଖେଳୁଥିବାବେଳେ ଚାଇଲ୍ଡ ହେଲ୍ପଲାଇନର ଏକଟିମ ନେଇଆସିଥିଲେ। ପରେ ଚାଇଲ୍ଡ ହେଲ୍ପଲାଇନ ଝିଅଟିକୁ ଆଣି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିବାପରେ ସିଡବ୍ଲ୍ୟୁସି ନୀଳଗିରିସ୍ଥିତ କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ଛଡ଼ା ଯାଇଥିଲା। ଏହି ଘଟଣା ସାଂସଦଙ୍କ ନଜରୁ



ଆସିଲାପରେ ଔପଦା ଥାନା ସୋରିଷପାଳ ଗ୍ରାମର ସନାତନ ନାୟକଙ୍କ ପୁଅ ବାପା ସତ୍ୟବାନ ନାୟକ, (୩୧) ଏବଂ ମାଆ କରିସ୍ମା ନାୟକଙ୍କ ଔରସରୁ ସାଇସମ୍ପନ୍ନା ନାମକ ଏକ କନ୍ୟାସନ୍ତାନ ଜନ୍ମ ନେଇଥିଲା। ତେବେ ଜନ୍ମଦାତ୍ରୀ ମାଆ ଅନ୍ୟପୁରୁଷ ସହିତ ଗତ ୨୩.୧୧.୨୦୨୪ ରିଖରେ ଦ୍ୱିତୀୟ ବିବାହ କରିଥିବା ବେଳେ ଶିଶୁ କନ୍ୟାଟି ଜନ୍ମଦାତା ବାପା ପାଖରେ ରହିଆସୁଥିଲା। ତେବେ ଝିଅକୁ ନିଜ ପାଖରେ ନେଇ ରଖିବାପାଇଁ ଜନ୍ମଦାତ୍ରୀ ମାଆ ସର୍ବଦା ଚାଇଲ୍ଡ ହେଲ୍ପଲାଇନଙ୍କ ଠାରେ ଅଭିଯୋଗ କରିଆସୁଥିଲେ। ମାଆର ଅଭିଯୋଗ ଅନୁସାରେ ଚାଇଲ୍ଡ ହେଲ୍ପଲାଇନ ଗତ ୨୧.୦୭.୨୦୨୬ ତାରିଖ ଅପରାହ୍ନ ୩:୪୦ ମି. ସମୟରେ ସାଇସମ୍ପନ୍ନା(୪ବର୍ଷ) କୁ ତାଙ୍କ ବାପାଙ୍କ ଘରୁ ଆଣି ସିଡବ୍ଲୁସିଙ୍କ ଠାରେ ପହଞ୍ଚାଇଥିଲେ। ପରେ ଝିଅକୁ ଉକ୍ତ କନ୍ୟାଶ୍ରମରେ ରଖିବାପରେ ଝିଅ ଏବେ ବାପାଙ୍କ ପାଖରେ ରହିବା ପାଇଁ ଆଶ୍ରମ ଭିତରେ ରହି ବାହୁନି କାନ୍ଦୁଛି। ଏନେଇ ଝିଅର ପିତା ଗତ ମାସ ୨୨ ତାରିଖରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ହାଜର ହୋଇ ଲିଖିତ ଦରଖାସ୍ତ କରିଥିଲେ । ତାପରେ ବାପା ଯେତେଥର ଲିଖିତ ଦରଖାସ୍ତ ଦେଲେ ମଧ ସିଡବ୍ୟୁସି ଅଧିକାରୀ ବାପଝିଅକୁ ଦେଖା କରିବାକୁ ଦେଉନଥିଲେ । ଯାହାଦ୍ୱାରା ତାଙ୍କ ପିତା ଦୁଃଖରେ ମର୍ମାହତ ହୋଇପଡ଼ିଥିଲେ । ତେବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘଟଣା ବିଷୟରେ ଅବଗତ ହେଲାପରେ ଏଡିଏମ୍ କୁ ଅବଗତ କରିଥିଲେ। ଏନେଇ ଡିସିପିଓ ଖୁସିରାମ ଜାହିର ଆଜି ଅପରାହ୍ନ ୭.୩୦ମିନିଟ ସମୟରେ କୃଷ୍ଣସୁକୁରୀ କନ୍ୟାଶ୍ରମରେ ପହଞ୍ଚି ହସ୍ତକ୍ଷେପ କରିଛନ୍ତି। ଜନ୍ମଦାତା ପିତାଙ୍କ ସାମ୍ନାରେ ଝିଅକୁ ଡାକି ବୁଝିଥିଲେ। ଝିଅ ବାପାଙ୍କୁ ସାମ୍ନାସାମ୍ନି ଦେଖି ଭାବବିହ୍ୱଳ ହୋଇ ଭୋଭୋ କରି କାନ୍ଦି ପକାଇଥିଲେ। ଏଭଳି ହୃଦୟବିଦାରକ ଘଟଣା ସଭିଙ୍କୁ ଚକିତ କରିଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ କାହାପାଖରେ ରହିବ ବୋଲି ଝିଅକୁ ପଚରାଉଚୁରା କରିଥିବାବେଳେ ଝିଅ କାନ୍ଦିକାନ୍ଦି ମୁଁ ବାପାଙ୍କ ପାଖରେ ରହିବିବୋଲି କହିଥିଲା। ତେବେ ବାପାପାଖରେ ଝିଅ ସୁରକ୍ଷିତ ରହିବବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ଏଥିରେ ହୃଦବୋଧ କରିଥିଲେ। ତତ ସହିତ ସିଡବ୍ଲୁସି ର ଚେୟାର ପର୍ସନ ସ୍ନିଗ୍ଧା ଦାସ ଯେଭଳି ଭାବରେ ଝିଅକୁ ଘରୁନେଇ ଆସିବା ଏବଂ ବାପା ସହିତ ଝିଅକୁ ଦେଖା କରିବାକୁ ଦେଲେ ନାହିଁ ଏଭଳି ଅମାନବୀୟ କାର୍ଯ୍ୟକୁନେଇ ସାଂସଦ ଘୋର ନିନ୍ଦାକରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ଆସନ୍ତା ୩ ତାରିଖ ସୋମବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଠାରେ ହାଜର କରାଇ ସବୁ କାଗଜାତ ଯାଞ୍ଚକରି ବାପା ଝିଅକୁ ନ୍ୟାୟପ୍ରଦାନ କରାଯିବା ନେଇ ସାଂସଦ ଦୃଢ଼ପ୍ରତିଶ୍ରୁତି ଦେଇଛନ୍ତି।




## ବନ୍ୟା ପ୍ରଭାବିତଙ୍କୁ ଭେଟିଲେ ସାଂସଦ ଏବଂ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା



ବାଲେଶ୍ୱର, ୧/୮ (ନି.ପ୍ର): ଶନିବାର ଅପରାହ୍ନରେ ରେମୁଣା ନିର୍ବାଚନ ମଣ୍ଡଳୀର ହରିପୁର ପଞ୍ଚାୟତ ଅନ୍ତର୍ଗତ କସମିଳା ଗ୍ରାମରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଆବଶ୍ୟକୀୟ ସହାୟତା ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ପ୍ରଭାବିତ ଅଞ୍ଚଳର ସ୍ଥିତିର ସମୀକ୍ଷା କରାଯିବା ସହ ସରକାରଙ୍କ ପକ୍ଷରୁ ଘୋଷିତ ସମସ୍ତ ସହାୟତା ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେନେଇ ତଦାରଖ କରାଯାଇଥିଲା। ଏଥିସହ କୌଣସି ବନ୍ୟା ପ୍ରଭାବିତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ମୁନିଲାଲ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବୈଶିଙ୍ଗା, ୧/୮ (ନି.ପ୍ର): ବୈଶିଙ୍ଗା ସ୍ଥିତ ମୁନିଲାଲ ହାଇସ୍କୁଲର ବରିଷ୍ଠ କିରାଣୀ ବିଜୟ କୁମାର ଦାସଙ୍କ ଅବସର ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ସଭାଗୃହରେ ଆଜି ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶଶଧାର ବାରିକ ଯୋଗ ଦେଇ ବରିଷ୍ଠ କିରାଣୀଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ ଓ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମେର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ହେମ୍ବ୍ରମ, ପାଟଳିପୁରା ସ୍ଥିତ କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ବାରିକ ଯୋଗ ଦେଇଥିଲେ । ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ କୁମାର ରାଉତ, ଯୁଧିଷ୍ଠିର ସାହୁ ଏବଂ ବ୍ରହ୍ମାନନ୍ଦ ମହାପାତ୍ର ମଧ ଯୋଗ ଦେଇ ବିଜୟ ଦାସଙ୍କ ଦୀର୍ଘ ଦିନର କିରାଣୀ ଭାବେ ଦାୟିତ୍ୱବୋଧତାକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ / ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ବିଜୟ ଦାସ ତାଙ୍କର ଅନୁଭୂତିରେ ଏହି ବିଦ୍ୟାଳୟ ପ୍ରତି ଥିବା ଆତ୍ମିୟତା ସଂପର୍କରେ ବଖାଣିଥିଲେ, ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida